# ବିଜ୍ଞାନସମ୍ମତ ଦୃଷ୍ଟିଭଙ୍ଗୀ ଓ ମାନବତାବାଦୀ ମୂଲ୍ୟବୋଧର ପ୍ରତୀକ : ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ

ଡକ୍ଟର ସୌମିତ୍ର ବାନାର୍ଜୀ



(୧୮୬୧ - ୧୯୪୪)

ଚଳିତ ବର୍ଷ (୨୦୧୧-୧୨) ହେଉଛି ଆଧୁନିକ ଭାରତୀୟ ବିଜ୍ଞାନର ପଥ ପ୍ରଦର୍ଶକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ୧୫୦ତମ ଜନ୍ମ ବାର୍ଷିକୀ । ଏହି ପ୍ରବନ୍ଧଟି ଜରିଆରେ ଆମେ ସେହି ପ୍ରସିଦ୍ଧ ବୈଜ୍ଞାନିକ ତଥା ମହାନ ମାନବତାବାଦୀଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରୁଛୁ ।

ପୃଥିବୀର ବିକାଶଶୀଳ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତରେ ହିଁ ସର୍ବାପେକ୍ଷା ଅଧିକ ସଂଖ୍ୟକ ତାଲିମପ୍ରାପ୍ତ ବୈଜ୍ଞାନିକ ଅଛନ୍ତି ବୋଲି ଆମେ ଗର୍ବ କରିପାରୁ । ଅବଶ୍ୟ ଏକଥା ସତ୍ୟଯେ ଆମ ଦେଶର ସଂଖ୍ୟାଧିକ ବିଜ୍ଞାନ ଛାତ୍ର ବିଜ୍ଞାନକୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ପାହାଚ ଭାବରେ ହିଁ ବିଚାର କରିଥାନ୍ତି । ଆମ ଦେଶର ବିଶ୍ୱବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନମାନଙ୍କରେ ଗବେଷଣା କରି ନିଜ ନିଜର ଗବେଷଣା କ୍ଷେତ୍ରରେ ନିପୁଣତା ଓ ଜ୍ଞାନରେ ସମୃଦ୍ଧ ବହୁ ବୈଜ୍ଞାନିକ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଓ ସାମାଜିକ କ୍ଷେତ୍ରରେ ଚୂଡ଼ାନ୍ତ ଅବୈଜ୍ଞାନିକ ଓ ଅଯୌକ୍ତିକ ଆଭିମୁଖ୍ୟ ପ୍ରଦର୍ଶନ କରୁଥିବାର ଲକ୍ଷ୍ୟ କରାଯାଏ । ନିଜର ଗବେଷଣା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ବହୁ ବୈଜ୍ଞାନିକ ବ୍ୟକ୍ତିଗତ ଜୀବନରେ ଅବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଏପରିକି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହେଉଥିବା କଥା ଆମେ ଦେଖିବାକୁ ପାଉ । ଆମ ଦେଶର ବୈଜ୍ଞାନିକମାନେ ସାଧାରଣତଃ ସାମାଜିକ ପ୍ରସଙ୍ଗଗୁଡ଼ିକ ସଂପର୍କରେ ଉଦାସୀନ ରହୁଥିବାର ମଧ୍ୟ ଆମେ ଦେଖୁ । ଜ୍ୱଳନ୍ତ ସାମାଜିକ ସମସ୍ୟାବଳୀ ସଂପର୍କରେ ବୈଜ୍ଞାନିକମାନଙ୍କର କିଛି କରଣୀୟ ଅଛି ବୋଲି ସେମାନେ ମନେ କରନ୍ତି ନାହିଁ । ସାମାଜିକ-ରାଜନୈତିକ ଆନ୍ଦୋଳନରୁ ଦୂରରେ ରହିବା ପାଇଁ ମଧ୍ୟ ସେମାନେ ଉଦ୍ୟମ କରୁଥିବା କଥା ଆମେ ଦେଖିବାକୁ ପାଉ ।

ଏହି ପୃଷ୍ଠଭୂମିରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ (୨ ଅଗଷ୍ଟ ୧୮୬୧-୧୯୪୪ ଜୁନ୍ ୧୬)ଙ୍କୁ ସ୍ମରଣ କରିବା ଓ ତାଙ୍କ ଜୀବନରୁ ଶିକ୍ଷା ଗ୍ରହଣ କରିବା ଆଜି ପୂର୍ବାପେକ୍ଷା ଅଧିକ ପ୍ରାସଙ୍ଗିକ ମନେହୁଏ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଜୀବନ ଥିଲା ଆମ ଦେଶର ବୈଜ୍ଞାନିକମାନଙ୍କର

Scanned with CamScanner

ଉପରବର୍ଣ୍ଣିତ ଆଭିମୁଖ୍ୟର ଠିକ୍ ବିପରୀତ। ବିଜ୍ଞାନ ଓ ବିଜ୍ଞାନ ଶିକ୍ଷାଦାନ ପ୍ରତି ତାଙ୍କର ସଂପୂର୍ଣ୍ଣ ନିଷ୍ଠା ଥିଲା ଓ ସେ ଆନ୍ତର୍ଜାତୀୟ ସ୍ତରରେ ଗବେଷଣା କରିଥିଲେ । ମାତ୍ର ଏହା ସଙ୍ଗେ ସଙ୍ଗେ ବିଜ୍ଞାନ ପ୍ରସୂତ ଜ୍ଞାନକୁ ବ୍ୟବହାର କରି ସେ ଭାରତକୁ ଶିଳ୍ପ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାକୁ ମଧ୍ୟ ଉଦ୍ୟମ କରିଥିଲେ । ବେଙ୍ଗଲ୍ କେମିକାଲ୍ ଆଣ୍ଡ ଫାର୍ମାସ୍ୟୁଟିକାଲସ୍ ୱାର୍କସ୍ (Bengal Chemical and Pharmaceutical Works) ଭଳି କାରଖାନା ପ୍ରତିଷ୍ଠା ପାଇଁ ସେ ନିଷ୍ଠାପର ଉଦ୍ୟମ କରିଥିଲେ । ବନ୍ୟାବିପ୍ଳାତ ଓ ମରୁଡିର ସମ୍ମୁଖୀନ ହୋଇଥିବା ଜନସାଧାରଣଙ୍କ ମଧ୍ୟରେ ରିଲିଫ୍ କାମରେ ସେ ନେତୃତ୍ୱ ନେଇଥିଲେ । ଏହାବ୍ୟତୀତ ସେ ପିଲାମାନଙ୍କ ପାଇଁ ବହି ଲେଖିଥିଲେ ଏବଂ ବହୁବର୍ଷ ଧରି ବେଙ୍ଗଲ ଲିଟେରାରୀ ସୋସାଇଟି (Bengal Literary Society) ର ସଭାପତି ଥିଲେ, ସେ ସମାଜ ସଂସ୍କାର ଆନ୍ଦୋଳନରେ ସକ୍ରିୟ ଥିଲେ ଏବଂ ହିନ୍ଦୁ ସମାଜରେ ପ୍ରଚଳିତ ଥିବା ଜାତିପ୍ରଥାର ଜଣେ ତୀବ୍ର ସମାଲୋଚକ ଥିଲେ । ଏସବୁ ବ୍ୟତୀତ ସେ ମିସନାରୀ ମାନଙ୍କ ଭଳି ନିଷ୍ଠା, ଆବେଗ ଓ ହୃଦୟବତ୍ତାର ସହିତ ଜନସେବା କରୁଥିଲେ । ସେ ତାଙ୍କ ସମୟରେ ଜଣେ ପ୍ରଖ୍ୟାତ ବୈଜ୍ଞାନିକ ହୋଇଥିଲେ ମଧ୍ୟ ନିଜକୁ ତତ୍କାଳୀନ ରାଜନୈତିକ ଆନ୍ଦୋଳନରୁ ଦୂରରେ ରଖିନଥିଲେ । ଦେଶବଂଧୁ ଚିତ୍ତରଂଜନ ଦାସ, ନେତାଜୀ ସୁଭାସଚନ୍ଦ୍ର ବୋଷ ଏବଂ ମହାତ୍ମା ଗାନ୍ଧୀଙ୍କ ଭଳି ନେତୃବୃନ୍ଦଙ୍କ ସହିତ ତାଙ୍କର ଘନିଷ୍ଠ ସଂପର୍କ ଥିଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ କାର୍ଯ୍ୟକଳାପ କେବଳ ଗବେଷଣାଗାର ଓ ଶିକ୍ଷାଦାନ ମଧ୍ୟରେ ସୀମିତ ନଥିଲା । ସମାଜ ଜୀବନର ସମସ୍ତ କ୍ଷେତ୍ରରେ ତାଙ୍କର ଗଭୀର ଅଭିରୁଚି ରହିଥିଲା । ସେ ଶିକ୍ଷା ସଂସ୍କାର, ଶିଳ୍ପବିକାଶ, ନିଯୁକ୍ତି ସୁଯୋଗ ବୃଦ୍ଧି, ବେକାରୀ ଦୂରୀକରଣ, ଅର୍ଥନୈତିକ ସ୍ୱାଧୀନତା ଓ ଦେଶର ରାଜନୈତିକ ଅଗ୍ରଗତି ପାଇଁ ଉଦ୍ୟମ କରିଥିଲେ ।

ଏପରିକି ଜଣେ ବୈଜ୍ଞାନିକ ଭାବରେ ଭବିଷ୍ୟତରେ ଦେଶର ବିଜ୍ଞାନର ବିକାଶ କ୍ଷେତ୍ରରେ ନେତୃତ୍ୱ ନେବାପାଇଁ ଉପଯୁକ୍ତ ଦଳେ ଯୋଗ୍ୟ ଛାତ୍ର ଗଢିତୋଳିବା ପାଇଁ ସେ ସବୁବେଳେ ଉଦ୍ୟମ କରୁଥିଲେ । ଆଜି ଆମେ ଯେତେବେଳେ ମାନବିକ ମୂଲ୍ୟବୋଧ କ୍ଷେତ୍ରରେ ସର୍ବଦିଗବ୍ୟାପୀ ଅବକ୍ଷୟ ଦେଖିବାକୁ ପାଉଛୁ, ଆଜି ଯେତେବେଳେ ଦେଶର ବୈଜ୍ଞାନିକ ଓ ବିଜ୍ଞାନ ଶିକ୍ଷକମାନେ ଆତ୍ମକୈନ୍ଦ୍ରୀକ ଓ କ୍ୟାରିଅର ସର୍ବସ୍ୱ ହୋଇପଡିଛନ୍ତି ସେତେବେଳେ ଏହି ମହାନ ବୈଜ୍ଞାନିକଙ୍କୁ ସ୍ମରଣ କରିବାର ଆବଶ୍ୟକତା ସର୍ବତ୍ର ଅନୁଭୂତ ହେଉଛି ।

## ଐତିହାସିକ ପୃଷ୍ଠଭୂମି

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଆମ ଦେଶରେ ନବଜାଗରଣ ଆନ୍ଦୋଳନର ସୂତ୍ରପାତ ହୋଇଥିଲା । ପୁରୁଣା ସାମନ୍ତୀ ମୂଲ୍ୟବୋଧ, ଧର୍ମୀୟ ଅନ୍ଧତା, କୂପମଣ୍ଡୁକତା, ଅନ୍ଧ ବିଶ୍ୱାସ ଦ୍ୱାରା ଆକ୍ରାନ୍ତ ଓ ଜାତିପ୍ରଥା ଦ୍ୱାରା ଆକ୍ରାନ୍ତ ଭାରତୀୟ ସମାଜରେ ଯୁକ୍ତିଶୀଳ ବିଜ୍ଞାନସମ୍ମତ ଚିନ୍ତାଧାରାର ପ୍ରସାର ଓ ମାନବତାବାଦୀ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ନବଜାଗରଣ ଆନ୍ଦୋଳନର ଉଦ୍‌ଗାତାମାନେ ଉଦ୍ୟମ ଆରମ୍ଭ କରିଥିଲେ । ରାଜା ରାମମୋହନ ରାୟ ଥିଲେ ଏ କ୍ଷେତ୍ରରେ ପଥପ୍ରଦର୍ଶକ । ଏହି ସାମାଜିକ ଆନ୍ଦୋଳନକୁ ପଣ୍ଡିତ ଇଶ୍ୱରଚନ୍ଦ୍ର ବିଦ୍ୟାସାଗର କଠିନ ସଂଗ୍ରାମ କରିଆରେ ଆଗେଇ ନେଇଥିଲେ ଓ ଦେଶରେ ବିଜ୍ଞାନ ସମ୍ମତ ଶିକ୍ଷାବ୍ୟବସ୍ଥା ପ୍ରଚଳନ ପାଇଁ ଉଦ୍ୟମ କରି ଏହି ଆନ୍ଦୋଳନକୁ ବିକଶିତ କରିଥିଲେ । ସେ ଅକ୍ଳାନ୍ତ ଉଦ୍ୟମ କରି ଆଧୁନିକ ବିଜ୍ଞାନ, ଗଣିତ ଓ ଯୁକ୍ତିଶାସ୍ତ୍ରକୁ ଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଇଥିଲେ । ତାଙ୍କର ପଦାଙ୍କ ଅନୁସରଣ କରି ରାଜେନ୍ଦ୍ର ଲାଲ ମିତ୍ର ଓ ଅକ୍ଷୟ କୁମାର ଦତ୍ତଙ୍କ ଭଳି ବ୍ୟକ୍ତିମାନେ ଜନସାଧାରଣଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ ଗଢିତୋଳିବା ପାଇଁ ଉଦ୍ୟମ କରିଥିଲେ । ବୈଜ୍ଞାନିକ ଗବେଷଣା ପାଇଁ ୧୮୭୬ ମସିହାରେ ମହେନ୍ଦ୍ରଲାଲ ସରକାର ଇଣ୍ଡିଆନ୍ ଆସୋସିଏସନ ଫର କଲ୍ଟିଭେସନ୍ ଅଫ୍ ସାଇନ୍ସ (Indian Association for



Scanned with CamScanner

Cultivation of Science) ପ୍ରତିଷ୍ଠା କରିଥିଲେ । ଏହି ଅନୁଷ୍ଠାନ ୧୯୩୦ ମସିହାରେ ନୋବେଲ୍ ପୁରସ୍କାର ବିଜେତା ସି.ଭି. ରମଣଙ୍କ ସମେତ ଦେଶର ବହୁ ଖ୍ୟାତନାମା ବୈଜ୍ଞାନିକଙ୍କୁ ସୃଷ୍ଟି କରିଥିଲା ।

ସମାଜରେ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ ଗଢିତୋଳିବା ପାଇଁ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବପନ କରିଥିବା ବୀଜ ଅଙ୍କୁରିତ ହେବା ବେଳକୁ କଲିକତାର ପ୍ରେସିଡେନ୍ସି କଲେଜରେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଓ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସେମାନଙ୍କର ଯାତ୍ରା ଆରମ୍ଭ କରୁଥିଲେ ।

## ଆଦ୍ୟ ବର୍ଷ ଗୁଡିକ

ଅବିଭକ୍ତ ବଙ୍ଗ ପ୍ରଦେଶ (ବର୍ତ୍ତମାନ ବଙ୍ଗଳାଦେଶ)ର ଖୁଲ୍‌ନା ଜିଲ୍ଲାର ରାରୁଲି ଗ୍ରାମରେ ୧୮୬୧ ମସିହା ଅଗଷ୍ଟ ମାସ ୨ ତାରିଖରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋଟିଏ ଉଚ୍ଚଶିକ୍ଷିତ ଓ ସଂସ୍କୃତି ସଂପନ୍ନ ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପା ହରିଶଚନ୍ଦ୍ର ରାୟ ଥିଲେ ଜଣେ ଜମିଦାର । ମାତ୍ର ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଜନ୍ମ ବେଳକୁ ତାଙ୍କ ପିତାଙ୍କ ଆର୍ଥିକ ଅବସ୍ଥା ଧିରେ ଧିରେ ଖରାପ ହେବାକୁ ଲାଗିଥିଲା । ହରିଶଚନ୍ଦ୍ର ପାରମ୍ପରିକ ଜମିଦାରମାନଙ୍କ ଠାରୁ ଭିନ୍ନ ଧରଣର ଥିଲେ । ତାଙ୍କ ଘରେ ଗୋଟିଏ ଉନ୍ନତମାନର ପାଠାଗାର ପ୍ରତିଷ୍ଠା ପାଇଁ ସେ ତାଙ୍କ ଆୟର ସିଂହଭାଗ ଖର୍ଚ୍ଚ କରି ଦୁର୍ଦ୍ଦଶାରେ ପଡିଥିଲେ । ସେ ଜଣେ ରୁଚି ସମ୍ପନ୍ନ, ଜ୍ଞାନ ପିପାସୁ ଓ ମୁକ୍ତ ବିଚାରରେ ବିଶ୍ୱାସ କରୁଥିବା ବ୍ୟକ୍ତି ଥିଲେ । ଭାଓଲିନ୍ ବଜାଇବାରେ ତାଙ୍କର ପାରଦର୍ଶୀତା ଥିଲା । ସେ ପର୍ସିଆନ୍ ଓ ଇଂରାଜୀ ଭାଷା ଖୁବ୍ ଭଲଭାବରେ ଜାଣିଥିଲେ । ସଂସ୍କୃତ ଓ ଆରବିକ୍ ଭାଷା ମଧ୍ୟ ତାଙ୍କୁ ଜଣାଥିଲା । ତତ୍‌କାଳୀନ ଅବିଭକ୍ତ ବଙ୍ଗ ପ୍ରଦେଶର ସାଂସ୍କୃତିକ ଓ ବୌଦ୍ଧିକ ଜଗତରେ ନେତୃତ୍ୱକାରୀ ଭୂମିକା ପାଳନ କରୁଥିବା ନେତୃମଣ୍ଡଳୀ ସହିତ ହରିଶଚନ୍ଦ୍ରଙ୍କର ଘନିଷ୍ଠ ସଂପର୍କ ଥିଲା । ତାଙ୍କର ଉଦାର ଦୃଷ୍ଟିଭଙ୍ଗୀ ଯୋଗୁ ତାଙ୍କୁ ତାଙ୍କର ଗାଁ ଲୋକମାନେ ମ୍ଳେଚ୍ଛ ଭାବରେ ଅବିହିତ କରୁଥିଲେ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ମାତା ଭୁବନମୋହିନୀ ଦେବୀ ମଧ୍ୟ ଉନ୍ନତ ରୁଚି ସଂପନ୍ନ ମହିଳା ଥିଲେ । ଏହିଭଳି ଏକ ସାଂସ୍କୃତିକ ପରିବେଶ ବାଲ୍ୟକାଳରୁ ହିଁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଉପରେ ଗଭୀର ପ୍ରଭାବ ବିସ୍ତାର କରିଥିଲା । ସେ ପିଲାଦିନରୁ ତାଙ୍କ ଘରକୁ ଆସୁଥିବା ବହୁ ଜ୍ଞାନୀ, ଗୁଣି ବ୍ୟକ୍ତି, ଶିଳ୍ପୀ ଓ କଳାକାରମାନଙ୍କର ସଂସ୍ପର୍ଶରେ ଆସିବାର ସୁଯୋଗ ପାଇଥିଲେ । ହରିଶଚନ୍ଦ୍ର ରାୟ ତାଙ୍କ ଗାଁରେ ଦୁଇଟି ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

ତାଙ୍କ ପିତାଙ୍କ ଦ୍ୱାରା ଗାଁରେ ପ୍ରତିଷ୍ଠା କରାଯାଇଥିବା ସ୍କୁଲ୍‌ରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତାଙ୍କର ବାଲ୍ୟଶିକ୍ଷା ସମାପ୍ତ କରି ୧୮୭୦ ମସିହାରେ କଲିକତା ଆସି 'ହାରେ' ସ୍କୁଲ୍‌ରେ ନାମ ଲେଖାଇଥିଲେ ।

'ହାରେ' ସ୍କୁଲର ଶିକ୍ଷକମାନଙ୍କର ଉଦ୍ୟମ ଫଳରେ ସେ ସ୍କୁଲ୍‌ରେ ଇଂରାଜୀ ସାହିତ୍ୟ (ବିଶେଷ କରି ସେକ୍ସପିଅରଙ୍କ ସାହିତ୍ୟ), ଇତିହାସ, ଭୁଗୋଳ ଓ ମହାମନୀଷୀମାନଙ୍କର ଜୀବନୀ ଅଧୟନ କରିବାକୁ ଆରମ୍ଭ କଲେ । ସେ ପଢା ବହି ସହ ହାତରେ ପଡୁଥିବା ଅନ୍ୟାନ୍ୟ ବହିଗୁଡିକୁ ଗଭୀର ରାତ୍ରୀ ପର୍ଯ୍ୟନ୍ତ ଅଧୟନ କରୁଥିଲେ । ଅତ୍ୟଧିକ ପରିଶ୍ରମ ଫଳରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଲା ଓ ସେ ପାଠପଢା ବନ୍ଦରଖି ୧୮୭୪ ମସିହାରେ ଗାଁକୁ ଫେରିଗଲେ ।

କିଛି ବର୍ଷ ମଧ୍ୟରେ ସେ ସୁସ୍ଥ ହେଲେ ମାତ୍ର ଦୁର୍ବଳ ସ୍ୱାସ୍ଥ୍ୟ, ପେଟରୋଗ ଓ ନିଦ୍ରାହୀନତା ତାଙ୍କର ଆମୃତ୍ୟୁ ସହଚର ହୋଇରହିଲା । ମାତ୍ର ବାଲ୍ୟକାଳର ଏହି ଅସୁସ୍ଥତା ତାଙ୍କପାଇଁ ବରଦାନ ସଦୃଶ ଥିଲା । ପରବର୍ତ୍ତୀ ସମୟରେ ତାଙ୍କ ଜୀବନର ସେହି ଦିନଗୁଡିକର ସ୍ମୃତିଚାରଣ କରି ସେ ଲେଖିଥିଲେ ଯେ "ରସହୀନ ସ୍କୁଲ ପାଠ୍ୟପୁସ୍ତକ ପଠନର ଗତାନୁଗତିକତାରୁ ମୁକ୍ତ ହୋଇ ମୁଁ ନିଜ ଇଚ୍ଛା ଓ ଆଗ୍ରହ ଅନୁଯାୟୀ ପଢିବାର ସୁଯୋଗ ପାଇଲି ।" ସେ ତାଙ୍କ ଗାଁରେ ବାପାଙ୍କ ଦ୍ୱାରା ପ୍ରତିଷ୍ଠିତ ପାଠାଗାରର ସଂପୂର୍ଣ୍ଣ ଉପଯୋଗ କରିଥିଲେ ଏବଂ ତାଙ୍କର ଜ୍ଞାନ ଜଗତର ପରିସୀମା ବୃଦ୍ଧି ପାଇଥିଲା ।

ଦୁଇବର୍ଷ ପରେ ସେ କଲିକତା ଫେରି ଆସି ଆଲବର୍ଟ

Scanned with CamScanner

ସ୍କୁଲ୍‌ରେ ନାମ ଲେଖାଇଥିଲେ । ଏହାପରେ ସେ ୧୮୭୯ ମସିହାରେ ଏନ୍‌ଟ୍ରାନ୍ସ ପରୀକ୍ଷାରେ ପାସ୍‌କରି ତତ୍‌କାଳୀନ ମେଟ୍ରୋପଲିଟାନ୍ କଲେଜ୍ (ବର୍ତ୍ତମାନ ବିଦ୍ୟାସାଗର କଲେଜ) ରେ ନାମ ଲେଖାଇଲେ । ଏହି କଲେଜର ଇଂରାଜୀ ଅଧ୍ୟାପକ, ତଥା ଦେଶପ୍ରେମୀ ସୁରେନ୍ଦ୍ର ନାଥ ବାନାର୍ଜୀ ତାଙ୍କ ମଧ୍ୟରେ ଜାତୀୟତାବାଦ ଜାଗ୍ରତ କରିଥିଲେ ।

ସେହି ସମୟର ପାଠ୍ୟକ୍ରମରେ ରସାୟନଶାସ୍ତ୍ର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ମେଟ୍ରୋପଲିଟାନ୍ କଲେଜ୍‌ରେ ରସାୟନ ବିଜ୍ଞାନ ପଢାଇବା ପାଇଁ କୌଣସି ଅଧ୍ୟାପକ ନଥିଲେ । ସେଥିପାଇଁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କୁ ପ୍ରେସିଡେନ୍ସି କଲେଜ୍‌କୁ ଯିବାକୁ ପଡୁଥିଲା । ସେଠାରେ ଆଲେକ୍‌ଜାଣ୍ଡର ପେଡ୍‌ଲର ରସାୟନ ବିଜ୍ଞାନ ଅଧ୍ୟାପକ ଥିଲେ । ଆଲେକ୍‌ଜାଣ୍ଡର ପେଡ୍‌ଲର ଥିଲେ ଜଣେ ଅତ୍ୟନ୍ତ ଆଦର୍ଶ ଓ ସୁନାମଧନ୍ୟ ଶିକ୍ଷକ । ସେ ଅତ୍ୟନ୍ତ ସରଳ, ସାବଲୀଳ ଓ ପ୍ରାଞ୍ଜଳ ଭାବରେ ରସାୟନ ବିଜ୍ଞାନ ଶିକ୍ଷା ଦେବା ସଂଗେ ସଂଗେ ଶ୍ରେଣୀଗୃହରେ ନାନାଦି ପରୀକ୍ଷା ନିରୀକ୍ଷା କରି ଛାତ୍ରମାନଙ୍କ ମଧ୍ୟରେ ଅନିସନ୍ଧିତ୍ସୁ ମାନସିକତା ସୃଷ୍ଟି କରିପାରୁ ଥିଲେ । ଏହା ଫଳରେ ପ୍ରଫୁଲ୍ଲ ଚନ୍ଦ୍ର ଏତେ ଉତ୍ସାହିତ ହୋଇଥିଲେ ଯେ ତାଙ୍କ ଘରେ ଗୋଟିଏ ଛୋଟ ପରୀକ୍ଷାଗାର କରି ସେଠାରେ ନାନା ଧରଣର ପରୀକ୍ଷା ନିରୀକ୍ଷା କରିବା ଆରମ୍ଭ କରିଦେଲେ । ସାହିତ୍ୟ ଚର୍ଚ୍ଚା ତାଙ୍କର ସବୁଠାରୁ ପ୍ରିୟତମ ବିଷୟ ହୋଇଥିଲେ ମଧ୍ୟ ପେଡ୍‌ଲରଙ୍କ ଦ୍ୱାରା ପ୍ରଭାବିତ ହୋଇ ସେ ରସାୟନ ବିଜ୍ଞାନ ପଢିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ ।

ସେ ଏଫ୍.ଏ. ପାଶ୍ କଲାବେଳକୁ ତାଙ୍କ ବାପାଙ୍କର ଆର୍ଥିକ ଅବସ୍ଥାର ଘୋର ଅବନତି ଘଟିଥିଲା । ମାତ୍ର ଆହୁରି ପାଠ ପଢିବା ପାଇଁ ବ୍ରିଟେନ୍‌ର ପ୍ରସିଦ୍ଧ ଏଡେନବର୍ଗ ବିଶ୍ୱବିଦ୍ୟାଳୟ ସେତେବେଳେ ପ୍ରଦାନ କରୁଥିବା ଗିଲ୍‌କ୍ରିଷ୍ଟ ବୃତ୍ତିପାଇଁ ସେ ପରୀକ୍ଷା ଦେଇଥିଲେ ଓ ଉତ୍ତୀର୍ଣ୍ଣ ହୋଇଥିଲେ ।

ସେ ୧୮୮୨ ମସିହାରେ ଇଂଲଣ୍ଡକୁ ଜଳଯାତ୍ରା କରି ଏଡେନ୍‌ବର୍ଗ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ । ସେଠାରେ ସେ ୧୮୮୫ ମସିହାରେ କୃତିତ୍ୱର ସହିତ ବି.ଏସ୍.ସି. ପାସ୍ କରିଥିଲେ ଏବଂ ତାଙ୍କର ଗବେଷଣା ଜାରି ରଖିଥିଲେ । ୧୮୮୭ ମସିହାରେ ତାଙ୍କୁ ଡି.ଏସି. ଡିଗ୍ରୀ ମିଳିଥିଲା । ଏହି ଡିଗ୍ରୀ ପାଇଁ ସେ ପ୍ରସ୍ତୁତ କରିଥିବା ସନ୍ଦର୍ଭ ସେବର୍ଷ ସବୁଠାରୁ ଶ୍ରେଷ୍ଠ ସଂନ୍ଦର୍ଭ ଭାବରେ ବିବେଚିତ ହୋଇଥିଲା । ଏହି ସନ୍ଦର୍ଭ ପାଇଁ ତାଙ୍କୁ ବିଶ୍ୱବିଦ୍ୟାଳୟ ତରଫରୁ "ହୋପ୍ ପ୍ରାଇଜ" ମିଳିଥିଲା ଓ ବିଶ୍ୱବିଦ୍ୟାଳୟରେ ଆଉ ଗୋଟିଏ ବର୍ଷ ଗବେଷଣା ପାଇଁ ସୁଯୋଗ ଦିଆଯାଇଥିଲା ।

ଏଡେନ୍‌ବର୍ଗରେ ଛାତ୍ର ଥିଲାବେଳେ ତାଙ୍କର ଚିନ୍ତାର ଗଭୀରତା, ଦାୟିତ୍ୱଜ୍ଞାନ ଏବଂ ହାର୍ଦ୍ଦିକ ବ୍ୟବହାର ସହପାଠୀ ଓ ପ୍ରଫେସରମାନଙ୍କ ଦ୍ୱାରା ଆଦୃତ ହୋଇଥିଲା । ଏହାର ସ୍ୱୀକୃତିରେ ତାଙ୍କୁ ବିଶ୍ୱବିଦ୍ୟାଳୟର କେମିକାଲ ସୋସାଇଟିର ଉପସଭାପତି ଭାବରେ ନିର୍ବାଚିତ କରାଯାଇଥିଲା । ପରାଧୀନ ଦେଶରୁ ଆସିଥିବା ଜଣେ ଛାତ୍ର ପାଇଁ ଏହା ଥିଲା ଏକ ବିରଳ ସମ୍ମାନ ।

ଏଡେନ୍‌ବର୍ଗରେ ପଢୁଥିଲାବେଳେ ତାଙ୍କ ଜୀବନର ଆଉ ଏକ ଘଟଣା ଏଠାରେ ଉଲ୍ଲେଖଯୋଗ୍ୟ । ୧୮୮୫ ମସିହାରେ ବିଶ୍ୱବିଦ୍ୟାଳୟର ରେକ୍ଟର ସାର ଷ୍ଟାଫୋର୍ଟ ନର୍ଥକୋର୍ଟ "India before and after the mutiny" ଉପରେ ସର୍ବୋତ୍କୃଷ୍ଟ ରଚନା ପାଇଁ ଏକ ପୁରସ୍କାର ଘୋଷଣା କରିଥିଲେ । ପ୍ରଫୁଲ୍ଲ ଚନ୍ଦ୍ର ଏହି ବିଷୟ ଉପରେ ଏକ ପ୍ରବନ୍ଧ ରଚନା କରି ଇଂରେଜମାନେ କିଭଳି ଭାବରେ ଭାରତରେ ଔପନିବେଶିକ ଶୋଷଣକୁ ଦୀର୍ଘାୟିତ କରୁଛନ୍ତି ଏବଂ ଭାରତର ବିକାଶ ଓ ଶିକ୍ଷାର ଅଗ୍ରଗତି ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ । ସ୍ୱାଭାବିକ ଭାବରେ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ପ୍ରବନ୍ଧ କୌଣସି ପୁରସ୍କାର ପାଇଲାନାହିଁ । ମାତ୍ର ଉଚ୍ଚମାନ ଓ ବ୍ୟଙ୍ଗାତ୍ମକ ଭାଷା ପାଇଁ ପ୍ରବନ୍ଧଟି ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ପରେ ପ୍ରଫୁଲ୍ଲଚନ୍ଦ୍ର ଏହି ପ୍ରବନ୍ଧଟିକୁ ଛପାଇ ଇଂଲଣ୍ଡରେ ପଢୁଥିବା ଭାରତୀୟ

Scanned with CamScanner

ଛାତ୍ରମାନଙ୍କ ପାଖକୁ ପଠାଇଥିଲେ ଏବଂ ଏହା ସହିତ ଭାରତକୁ ପରାଧୀନତାର କବଳରୁ ମୁକ୍ତ କରିବା ପାଇଁ ଏକ ଆବେଦନ ଯୁକ୍ତ କରିଥିଲେ । କେବଳ ସେତିକି ନୁହେଁ, ସେ ଏହି ପ୍ରବନ୍ଧଟିକୁ ପାର୍ଲାମେଣ୍ଟ ସଦସ୍ୟ ଜନ୍ ବ୍ରାଇଟ୍‌ଙ୍କ ନିକଟକୁ ପଠାଇଥିଲେ । ସେତେବେଳେ ଜନ୍‌ବ୍ରାଇଟ୍ ତାଙ୍କର ମୁକ୍ତଚିନ୍ତା ଓ ପ୍ରଗତିଶୀଳ ମତବାଦ ପାଇଁ ସୁପରିଚିତ ଥିଲେ । ଏହି ପ୍ରବନ୍ଧଟିକୁ ପ୍ରଶଂସାକରି ଜନ୍‌ବ୍ରାଇଟ୍ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ନିକଟକୁ ଏକ ଚିଠି ଲେଖିଥିଲେ ଏବଂ ପ୍ରବନ୍ଧଟିର ବିଷୟବସ୍ତୁର ବ୍ୟାପକ ପ୍ରଚାର ଉଦ୍ଦେଶ୍ୟରେ ତାଙ୍କର ଚିଠିଟିକୁ ବ୍ୟବହାର କରିବା ପାଇଁ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ ଅନୁମତି ଦେଇଥିଲେ । କାଳ ବିଳମ୍ବ ନକରି ପ୍ରଫୁଲ୍ଲ ଚନ୍ଦ୍ର ଜନ୍ ବ୍ରାଇଟ୍‌ଙ୍କ ପତ୍ରଟି ସହିତ ତାଙ୍କର ପ୍ରବନ୍ଧଟିକୁ ବିଭିନ୍ନ ଖବରକାଗଜକୁ ପଠାଇଥିଲେ । ତାପରଦିନ ଜନ୍ ବ୍ରାଇଟ୍‌ଙ୍କ ଚିଠି ଓ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ପ୍ରବନ୍ଧର ଗୁରୁତ୍ୱପୂର୍ଣ୍ଣ ଅଂଶଗୁଡିକ ବହୁ ସଂବାଦପତ୍ରରେ ପ୍ରକାଶିତ ହୋଇଥିଲା । ଇଲ୍ୟାଣ୍ଡର ସାଧାରଣ ଲୋକଙ୍କ ସମ୍ମୁଖରେ ଔପନିବେଶିକ ଶୋଷଣର ଚରିତ୍ରକୁ ଉନ୍ମୋଚିତ କରିବା ପାଇଁ ପ୍ରଫୁଲ୍ଲ ଚନ୍ଦ୍ରଙ୍କର ଏହି ଉଦ୍ୟମ ବାସ୍ତବିକ ଉଲ୍ଲେଖଯୋଗ୍ୟ ।

## ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର

୧୮୮୮ ମସିହାରେ ପ୍ରଫୁଲ୍ଲ ଚନ୍ଦ୍ର ଶିକ୍ଷାଦାନ ଓ ଗବେଷଣା ଉଦ୍ଦେଶ୍ୟରେ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ସେତେବେଳେ ଔପନିବେଶିକ ଶାସକମାନେ ଭାରତରେ ଶିକ୍ଷା କ୍ଷେତ୍ରରେ ଦୁଇ ଧରଣର ଚାକିରୀ ସୃଷ୍ଟି କରିଥିଲେ । ପ୍ରଥମଟି ହେଉଛି Imperial service ଏବଂ ଦ୍ୱିତୀୟଟି ହେଉଛି Provincial service ଏ ଦୁଇଟି ମଧ୍ୟରୁ ଇମ୍ପେରିଆଲ ସର୍ଭିସ୍ ଅଧିକ ସମ୍ମାନଜନକ ଥିଲା ଓ ଏଥିରେ ଅଧିକ ଦରମା ମିଳୁଥିଲା । ମାତ୍ର ଏହି ଚାକିରୀ କାର୍ଯ୍ୟତଃ ୟୁରୋପୀୟମାନଙ୍କ ପାଇଁ ସଂରକ୍ଷିତ ଥିଲା । ପ୍ରଫୁଲ୍ଲ ଚନ୍ଦ୍ର ବ୍ରିଟେନ୍‌ର ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରୁ ସର୍ବୋଚ୍ଚ ଡିଗ୍ରୀ ପାଇଥିଲେ ମଧ୍ୟ ତାଙ୍କୁ ପ୍ରଥମ ବର୍ଗର ଚାକିରୀ ମିଳିଲା ନାହିଁ । ପ୍ରାୟ ଏକ ବର୍ଷରୁ ଅଧିକ ସମୟ ବେକାର ରହିବା ପରେ ତାଙ୍କୁ ମାସିକ ୨୫୦ଟଙ୍କାରେ ଗୋଟିଏ ପ୍ରୋଭିନ୍‌ସିଆଲ୍ ସର୍ଭିସ୍ ଶ୍ରେଣୀଭୁକ୍ତ ଚାକିରୀ ମିଳିଲା । ଏହି ଚାକିରୀ ପାଇ ସେ କଲିକତାର ପ୍ରେସିଡେନ୍ସି କଲେଜରେ ଅଧ୍ୟାପନା ଆରମ୍ଭ କଲେ ।

ପାଠ ପଢାଇଲାବେଳେ ତାଙ୍କର ମୌଳିକ ଗୁଣାବଳୀଗୁଡିକ ପ୍ରତିଫଳିତ ହେଉଥିଲା । ସେ ତାଙ୍କର ଶିକ୍ଷାଦାନ ମଜାଦାର କଥାକହି ଆରମ୍ଭ କରୁଥିଲେ ଏବଂ ପରେ ବିଷୟରେ ଗଭୀରତାକୁ ପ୍ରବେଶ କରୁଥିଲେ । ସେ କଠିନ ବିଷୟଗୁଡିକୁ ଅତ୍ୟନ୍ତ ସରଳ ଭାବରେ ବୁଝାଉଥିଲେ ଯାହା ଫଳରେ କି ସବୁଠାରୁ ଦୁର୍ବଳ ପିଲାଟି ମଧ୍ୟ ତାହା ବୁଝି ପାରୁଥିଲା । ଆବଶ୍ୟକ ସ୍ଥଳରେ ସେ ପିଲାଙ୍କ ସାମନାରେ ବିଭିନ୍ନ ବିଷୟ ପରୀକ୍ଷା କରି ଦେଖାଇ ଦେଉଥିଲେ । ବେଳେ ବେଳେ ସେ ଖଣ୍ଡେ ହାଡକୁ ବୁନ୍‌ସେନ୍ ବର୍ଣ୍ଣରରେ ପୋଡି ପାଉଁଶ କରିଦେଇ ସେହି ପାଉଁଶକୁ ପାଟିରେ ପକାଇ ଦେଉଥିଲେ । ହାଡ ଆଉ କିଛି ନୁହେଁ କେବଳ କ୍ୟାଲ୍‌ସିୟମ୍ ଫସ୍‌ଫେଟ୍ ଏବଂ ଏହା ଯେ କୌଣସି ପଶୁର ହାଡ ହୋଇଥିଲେ ବି ତାର ରାସାୟନିକ ଗୁଣ ସମାନ । କେବଳ ଏକଥା ଦର୍ଶାଇବା ପାଇଁ ହିଁ ସେ ଏଭଳି କରୁଥିଲେ । ଏହିଭଳି ଭାବରେ ସେ କେବଳ ରସାୟନ ବିଜ୍ଞାନ ଶିକ୍ଷା ଦେଉନଥିଲେ ଶିକ୍ଷାଦାନ କଲାବେଳେ ଛାତ୍ରମାନଙ୍କୁ ସମସ୍ତ ବଦ୍ଧମୂଳ ପ୍ରାକ୍ ଧାରଣାରୁ ମୁକ୍ତକରି ସେମାନଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ ଗଢିତୋଳିବାକୁ ଉଦ୍ୟମ କରୁଥିଲେ । ସ୍ୱାଭାବିକ ଭାବରେ ଛାତ୍ରମାନେ ତାଙ୍କ ପ୍ରତି ଆକର୍ଷିତ ହେଉଥିଲେ ।

## ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର

ବହୁ ବର୍ଷ ଧରି ପ୍ରେସିଡେନ୍ସି କଲେଜରେ ରସାୟନ ବିଜ୍ଞାନ ଶିକ୍ଷା ଦିଆଯାଉଥିଲେ ମଧ୍ୟ ସେତେବେଳେ ଭାରତବର୍ଷର କୌଣସି ସ୍ଥାନରେ ରସାୟନ ବିଜ୍ଞାନରେ ଗବେଷଣା କରାଯାଉନଥିଲା । ଔପନିବେଶିକ ଶାସନରୁ ମୁକ୍ତ ହେଲାପରେ ଶକ୍ତିଶାଳୀ ଗବେଷଣା ଭିତ୍ତିଭୂମିର ଆଧାରରେ ହିଁ ଭାରତ ପ୍ରଗତି କରିପାରିବ ବୋଲି ଆଚାର୍ଯ୍ୟ

ପ୍ରଫୁଲ୍ଲ ଚନ୍ଦ୍ର ବୁଝି ପାରିଥିଲେ । ଏହା କରିବାକୁ ହେଲେ ଭାରତବର୍ଷରେ ଆନ୍ତର୍ଜାତୀୟ ସ୍ତରର ଗବେଷଣା କରି ଉଦାହରଣ ସୃଷ୍ଟି କରିବାକୁ ହେବ ଓ ଭବିଷ୍ୟତରେ ଗବେଷଣା କରିବା ପାଇଁ ଦଳେ ଛାତ୍ରଙ୍କୁ ତାଲିମ ଦେବାକୁ ହେବ ବୋଲି ମଧ୍ୟ ସେ ଅନୁଭବ କରିପାରିଥିଲେ ।

ସେଥିପାଇଁ ସେ ପ୍ରେସିଡେନ୍ସି କଲେଜ୍‌ରେ ଗୋଟିଏ ଗବେଷଣାଗାର ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଏଥିପାଇଁ ତାଙ୍କୁ ସଂପୂର୍ଣ୍ଣ ପ୍ରତିକୂଳ ପରିସ୍ଥିତିର ସାମନା କରିବାକୁ ହୋଇଥିଲା । ଗବେଷଣା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ କରିବା ତାଙ୍କ ପାଇଁ ଏକରକମର ଅସମ୍ଭବ ଥିଲା । ସେତେବେଳେ ଔପନିବେଶିକ ଶାସକମାନେ ରସାୟନ ବିଜ୍ଞାନ ଗବେଷଣାଗାରର ଆବଶ୍ୟକତା ଅନୁଭବ କରୁନଥିଲେ । ସେ ବହୁଦିନ ଧରି ସର୍ବନିମ୍ନ ଆବଶ୍ୟକ ଯନ୍ତ୍ରପାତି ବିନା କାମ କରିବାକୁ ବାଧ୍ୟ ହୋଇଥିଲେ । ଏହା ସତ୍ତ୍ୱେ ମଧ୍ୟ ସମୟକ୍ରମେ ଏହି ଗବେଷଣାଗାରଟି ସାରା ଦେଶର ରସାୟନ ବିଜ୍ଞାନ ଗବେଷଣାର ଏକ୍ସୁଡିଶାଳରେ ପରିଣତ ହୋଇଥିଲା ।

ସେ ଏକଥା ବୁଝିଥିଲେ ଯେ, ସମସ୍ତ ପ୍ରକାର ପ୍ରତିକୂଳତାକୁ ସାମନାକରି ବିଜ୍ଞାନର ଅଗ୍ରଗତି ପାଇଁ ଉଚ୍ଚକୋଟିର ଗବେଷଣା କରିବା ଭଳି ଦଳେ ଗବେଷକ ଦେଶ ପାଇଁ ଆବଶ୍ୟକ । ଏହା ଯେ ତଥାକଥିତ 'ଭଲଛାତ୍ର'ମାନଙ୍କ ଦ୍ୱାରା ସମ୍ଭବ ହେବନାହିଁ ଏକଥା ମଧ୍ୟ ସେ ବୁଝିପାରିଥିଲେ । ପରେ ସେ ଲେଖିଥିଲେ ଯେ "ଭଲପିଲା"ମାନେ ହେଉଛନ୍ତି ଖେଳଣା ଭଳି, ସେମାନଙ୍କର ଆଖିଅଛି, ମାତ୍ର ସେମାନେ ଦେଖିପାରନ୍ତି ନାହିଁ, ସେମାନଙ୍କର କାନ ଅଛି ମାତ୍ର ସେମାନେ ଶୁଣି ପାରନ୍ତି ନାହିଁ । ସେମାନଙ୍କର ବ୍ୟକ୍ତିତ୍ୱ ନାହିଁ, ବ୍ୟକ୍ତିଗତ ଚରିତ୍ର ନାହିଁ । ସେମାନେ ନିଜେ କିଛି ଚିନ୍ତା କରିପାରନ୍ତି ନାହିଁ । ଅନ୍ୟମାନେ ଯାହା କରନ୍ତି ସେମାନେ କେବଳ ତାର ନକଲ ହିଁ କରନ୍ତି" । ଅଜଣାକୁ ଜାଣିବାର ଆଗ୍ରହ ନଥିଲେ କେବଳ ଅର୍ଥ ଉପାର୍ଜନ ଓ ନିଶ୍ଚିତ ଭବିଷ୍ୟତ ପାଇଁ କେହି ହେଲେ ଗବେଷଣା କରିବା ଉଚିତ୍ ନୁହେଁ ବୋଲି ସେ କହୁଥିଲେ ।

ସମୟକ୍ରମେ କେତେଜଣ ନିଷ୍ଠାପର ଛାତ୍ର ତାଙ୍କ ସହିତ ଯୋଗ ଦେଇଥିଲେ ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଗବେଷଣା ଆରମ୍ଭ କରିଥିଲେ । ପରବର୍ତ୍ତି ସମୟରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ଦ୍ୱାରା ତାଲିମ୍‌ପ୍ରାପ୍ତ ଛାତ୍ରମାନେ ହିଁ ଭାରତବର୍ଷର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ଗବେଷଣା ଓ ଶିକ୍ଷାଦାନର ଗୁରୁ ଦାୟିତ୍ୱ ବହନ କରିଥିଲେ । ସେମାନଙ୍କ ମଧ୍ୟରୁ ବାଙ୍ଗାଲୋରସ୍ଥିତ ଆଇ.ଆଇ.ଏସ୍.ସି (IISC)ର ପୂର୍ବତନ ନିର୍ଦ୍ଦେଶକ ତଥା ଆଇଆଇଟି ଖଡଗପୁରର ପ୍ରତିଷ୍ଠାତା ଜ୍ଞାନଚନ୍ଦ୍ର ଘୋଷ, କଲିକତାସ୍ଥ ରାଜା ମନୀନ୍ଦ୍ର ଚନ୍ଦ୍ର କଲେଜ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ପଞ୍ଚାନନ ନିୟୋଗୀ, ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ Physical Chemistry ଗବେଷଣା ଆରମ୍ଭ କରିଥିବା ନୀଳରତନ ଧର, କଲିକତା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ତଥା ପ୍ରସିଦ୍ଧ ଗବେଷକ ପ୍ରିୟଦାରଞ୍ଜନ ରାୟ, ଭାରତରେ ବାୟୋକେମେଷ୍ଟ୍ରି ଗବେଷଣାର ପିତା ବିରେଶ ଚନ୍ଦ୍ର ଗୁହା ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ପ୍ରସିଦ୍ଧ ବୈଜ୍ଞାନିକ ଏସ୍.ଏସ୍. ଭଟ୍ଟନାଗର ଥିଲେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ଛାତ୍ର ଅତୁଲ ଚନ୍ଦ୍ର ଘୋଷଙ୍କ କୃତୀ ଛାତ୍ର ।

ବିଭିନ୍ନ ଆନ୍ତର୍ଜାତୀୟ ଗବେଷଣା ପତ୍ରିକାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ପ୍ରାୟ ୧୫୦ରୁ ଅଧିକ ନିବନ୍ଧ ପ୍ରକାଶିତ ହୋଇଥିଲା । ଏଥିରୁ ହିଁ ବିଜ୍ଞାନକୁ ତାଙ୍କର ଅବଦାନ ସଂପର୍କରେ ଧାରଣା କରିହେବ । ତାଙ୍କଦ୍ୱାରା ପ୍ରସ୍ତୁତ ଶତକଡା ୬୦ଭାଗରୁ ଅଧିକ ଗବେଷଣାମୂଳକ ନିବନ୍ଧ ନେଚର (Nature) ଓ Journal of the Royal Society ଭଳି ମର୍ଯ୍ୟାଦା ସଂପନ୍ନ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

ସେ ୧୯୧୬ ମସିହାରେ ପ୍ରେସିଡେନ୍ସି କଲେଜ୍ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଏହାପରେ ପରେ ହିଁ କଲିକତା ବିଶ୍ୱବିଦ୍ୟାଳୟର ତତ୍‌କାଳୀନ କୁଳପତି ସାର ଆଶୁତୋଷ ମୁଖାର୍ଜୀ ନୂଆକରି ରାଜାବଜାର ଠାରେ ପ୍ରତିଷ୍ଠିତ ହୋଇଥିବା ବିଶ୍ୱବିଦ୍ୟାଳୟର ବିଜ୍ଞାନ ଶାଖା

Scanned with CamScanner

(University College of Science)କୁ ଗଢିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ । ଏହି ଅନୁରୋଧ ରକ୍ଷାକରି ସେ ବିଶ୍ୱବିଦ୍ୟାଳୟରେ ଯୋଗ ଦେଇଥିଲେ ଓ ସେଠାରେ ୨୦ବର୍ଷରୁ ଅଧିକ ସମୟ ଧରି ଅଧ୍ୟାପନା ଓ ଗବେଷଣା କରିଥିଲେ । ସେ ଦୀର୍ଘ ୨୦ବର୍ଷଧରି ତାଙ୍କର ଛାତ୍ରମାନଙ୍କ ଗହଣରେ ବିଶ୍ୱବିଦ୍ୟାଳୟର ଗୋଟିଏ କୋଠରୀରେ ବାସ କରୁଥିଲେ । ଏଠାରେ ମଧ୍ୟ ସେ ଦଳେ ଯୋଗ୍ୟ ଛାତ୍ର ତିଆରି କରିଥିଲେ ।

ଦେଶର ବିଭିନ୍ନ ପ୍ରାନ୍ତରେ ସକ୍ରିୟ ଭାବରେ ରସାୟନ ବିଜ୍ଞାନ ଗବେଷଣା ଆରମ୍ଭ ହେବାପରେ ସେମାନଙ୍କ ମଧ୍ୟରେ ଗବେଷଣାର ବିଭିନ୍ନ ପ୍ରସଙ୍ଗ ଉପରେ ମତର ଆଦାନ ପ୍ରଦାନର ଆବଶ୍ୟକତା ଅନୁଭୂତ ହେଲା । ଏଥିପାଇଁ ଗୋଟିଏ ସଂଗଠନ ପ୍ରତିଷ୍ଠା କରାଗଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ବ୍ୟକ୍ତିଗତ ଉଦ୍ୟୋଗରେ ଗଢି ଉଠିଥିବା ଇଣ୍ଡିଆନ କେମିକାଲ ସୋସାଇଟି (Indian Chemical Society) ହେଉଛି ସେହି ସଂଗଠନ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଏହାର ପ୍ରତିଷ୍ଠାତା ସଭାପତି ଭାବରେ ଦାୟିତ୍ୱ ବହନ କଲେ । ଏହି ସୋସାଇଟି ଆନୁକୂଲ୍ୟରେ ଭାରତର ପ୍ରଥମ ଗବେଷଣାମୂଳକ ପତ୍ରିକା Journal of Indian Chemical Society ପ୍ରକାଶିତ ହେଲା । ଭାରତୀୟ ରସାୟନ ବିଜ୍ଞାନୀମାନଙ୍କର ଗବେଷଣା ମୂଳକ ପ୍ରବନ୍ଧ ପ୍ରକାଶ ପାଇଁ ଏହା ଏକ ମାଧ୍ୟମ ଭାବରେ ଆତ୍ମପ୍ରକାଶ କଲା ।

## ପ୍ରଫୁଲ୍ଲ ଚନ୍ଦ୍ରଙ୍କର ଅନବଦ୍ୟ ଅବଦାନ "ଭାରତର ରସାୟନ ବିଜ୍ଞାନର ଇତିହାସ"

ପିଲାଟି ଦିନରୁ ପ୍ରଫୁଲ୍ଲ ଚନ୍ଦ୍ରଙ୍କର ଇତିହାସରେ ରୁଚିଥିଲା । ସ୍ୱଭାବିକ ଭାବେ ରସାୟନ ବିଜ୍ଞାନର ଇତିହାସ ସଂପର୍କରେ ତାଙ୍କର କୌତୂହଳ ମଧ୍ୟ ଥିଲା । ଏ ସଂକ୍ରାନ୍ତରେ ୟୁରୋପୀୟ ଲେଖକମାନଙ୍କର ପୁସ୍ତକ ଅଧ୍ୟୟନ କରି ସେ ଦେଖିଲେ ଯେ ପ୍ରାଚୀନ ଇଜିପ୍ଟ, ସିରିୟା, ଆରବ ଓ ଚୀନ ଦେଶରେ ରସାୟନ ବିଜ୍ଞାନର ବିକାଶ ସଂପର୍କରେ ଏହିସବୁ ପୁସ୍ତକମାନଙ୍କରେ ଉଲ୍ଲେଖ ରହିଥିଲେ ମଧ୍ୟ ଭାରତ ସଂପର୍କରେ ପ୍ରାୟ କିଛି ଉଲ୍ଲେଖ ନାହିଁ । ପ୍ରାଚୀନ ଭାରତର ଇତିହାସ ସଂପର୍କରେ ଥିବା ତାଙ୍କ ଧାରଣାରୁ ଆଚାର୍ଯ୍ୟ ପ୍ରଫୁଲ୍ଲଚନ୍ଦ୍ର ଜାଣିଥିଲେ ଯେ ପ୍ରାଚୀନ ଭାରତ ବର୍ଷରେ ରସାୟନ ବିଜ୍ଞାନ କ୍ଷେତ୍ରରେ ବହୁ ଗୁରୁତ୍ୱପୂର୍ଣ୍ଣ ବିକାଶ ସାଧିତ ହୋଇଥିଲା । କିନ୍ତୁ ଏ ସଂପର୍କରେ କୌଣସି ଗବେଷଣା କରାଯାଇନଥିଲା । ତେଣୁ ସେ ଏହି ଗୁରୁ ଦାୟିତ୍ୱକୁ ନିଜେ ବହନ କରି ନେଇଥିଲେ ।

ସେତେବେଳେ ଏହି କାର୍ଯ୍ୟ କେତେ କଷ୍ଟ ସାଧ୍ୟ ଥିଲା ସେକଥା ବୁଝିବା ଆଜି ହୁଏତ ବହୁ ଲୋକଙ୍କ ପକ୍ଷରେ ସମ୍ଭବ ହୋଇ ନପାରେ । ଏହି ବିଷୟରେ ସୂଚନା ବହନ କରୁଥିବା ପୁରୁଣା ପାଣ୍ଡୁଲିପି ଗୁଡିକ ହୁଏତ ନଷ୍ଟ ହୋଇଯାଇଥିଲା କିମ୍ୱା ପୋକଖିଆ ଅବସ୍ଥାରେ ରାଜା ଜମିଦାରମାନଙ୍କ ଘରେ ପଡି ରହିଥିଲା । ଏହି ଧରଣର କେତେକ ପାଣ୍ଡୁଲିପି ୟୁରୋପୀୟମାନେ ମଧ୍ୟ ସଂଗ୍ରହ କରି ରଖିଥିଲେ । ସେସବୁ ସଂଗ୍ରହ କରିବା ଥିଲା ବାସ୍ତବରେ ଅତ୍ୟନ୍ତ କଷ୍ଟସାଧ୍ୟ କାମ । ମାତ୍ର ପ୍ରଫୁଲ୍ଲ ଚନ୍ଦ୍ର ଦୀର୍ଘ ୧୨ବର୍ଷ ଧରି ଅକ୍ଲାନ୍ତ ପରିଶ୍ରମ କରି ଏହି କାମଟିକୁ କରିଥିଲେ । ଏହିସବୁ ପାଣ୍ଡୁଲିପି ପଢିବା ପାଇଁ ତାଙ୍କୁ ସଂସ୍କୃତ ଓ ପାଲିଭାଷା ଶିକ୍ଷା କରିବାକୁ ପଡିଥିଲା । ଏଥିପାଇଁ ସେ ପ୍ରାଚୀନ ଭାରତୀୟ ଭାଷା ବିଷାରଦ ଆଚାର୍ଯ୍ୟ ବ୍ରଜେନ୍ଦ୍ର ନାଥ ସିଲ ଓ ପଣ୍ଡିତ ନବକାନ୍ତ କବିଭୂଷଣ ପ୍ରଭୃତିଙ୍କର ସାହାଯ୍ୟ ନେଇଥିଲେ । ଏସବୁ ଛଡା ତାଙ୍କ ପାଇଁ ଆହୁରି ମଧ୍ୟ ଏକ ବଡ ସମସ୍ୟା ରହିଥିଲା । ସେହି ସମୟରେ ପ୍ରାଚୀନ ଭାରତ ସଂପର୍କିତ ଦୃଷ୍ଟିଭଙ୍ଗୀକୁ କେନ୍ଦ୍ରକରି ଦେଶର ଶିକ୍ଷିତବର୍ଗ ଦୁଇଟି ପରସ୍ପର ବିରୋଧୀ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠି ଇଂରେଜମାନଙ୍କର ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଶଂସକ ଥିଲେ ଏବଂ ପ୍ରାଚୀନ ଭାରତୀୟ ସମାଜରେ କୌଣସି ଭଲ ଜିନିଷ ଦେଖିବାକୁ ପାଉନଥିଲେ । ସେମାନଙ୍କୁ ଇଂରେଜ ପ୍ରେମୀ ବା Anglophilies କୁହାଯାଉଥିଲା । ଅନ୍ୟଗୋଷ୍ଠୀଟି ସେମାନଙ୍କର ଜାତୀୟତାବାଦୀ ଆବେଗ

ଯୋଗୁ ପ୍ରାଚୀନ ଭାରତୀୟ ସମାଜର ମହିମା ଗାନ କରୁଥିଲେ । ସେମାନଙ୍କ ପାଇଁ ରାମାୟଣ ବର୍ଣ୍ଣିତ ପୁଷ୍ପକ ବିମାନ ଥିଲା ରାମାୟଣ ଯୁଗରେ ଉଡାଯାହାଜ ବ୍ୟବହାରର ଅକାଟ୍ୟ ଯୁକ୍ତି । ପୁରାଣରେ ଲିଖିତ 'ତରଙ୍ଗ' ଶବ୍ଦଟିରୁ ସେମାନେ ମାକ୍ସୱେଲଙ୍କର ହଜାର ହଜାର ବର୍ଷ ପୂର୍ବରୁ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ତରଙ୍ଗ (electromagnetic waves) ସଂପର୍କରେ ଭାରତୀୟମାନଙ୍କର ଧାରଣା ଥିଲା ବୋଲି ଦାବି କରୁଥିଲେ । ଏହିଭଳି ଏକ ସାମାଜିକ ପରିସ୍ଥିତିରେ ପ୍ରାଚୀନ ଭାରତରେ ବିଜ୍ଞାନର ଅଗ୍ରଗତି ଓ ବିକାଶ ସଂପର୍କରେ ବାସ୍ତବ ଓ ବସ୍ତୁନିଷ୍ଠ ଆକଳନ ଅତ୍ୟନ୍ତ କଷ୍ଟସାଧ ଥିଲା ।

ମାତ୍ର ଏହା ସତ୍ତ୍ୱେ ମଧ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଏହାର ବସ୍ତୁନିଷ୍ଠ ବିଶ୍ଳେଷଣ କରିଥିଲେ ଏବଂ ତାଙ୍କ ଗବେଷଣା ଲବ୍ଧ ଜ୍ଞାନକୁ "ଦି ହିଷ୍ଟ୍ରି ଅଫ୍ ହିନ୍ଦୁ କେମେଷ୍ଟ୍ରି"(The History of Hindu Chemistry)ବହିରେ ଉଲ୍ଲେଖ କରିଥିଲେ । ବହିଟିର ପ୍ରଥମ ଭାଗ ୧୯୦୨ ଓ ଦ୍ୱିତୀୟ ଭାଗ ୧୯୦୮ ମସିହାରେ ପ୍ରକାଶିତ ହୋଇଥିଲା । ସମସ୍ତ ପ୍ରାକ୍ ଧାରଣାରୁ ମୁକ୍ତ ରହି ସେ ଏହି ବହିରେ ପ୍ରାଚୀନ ଭାରତର ବିଭିନ୍ନ ଯୁଗରେ ଏସିଡ୍, ଆଲ୍‌କାଲି, ଧାତୁ ଓ ଆଲୟେଜ୍ ସଂପର୍କିତ ଜ୍ଞାନ କେତେ ବିକାଶଲାଭ କରିଥିଲା, ତାହାର ଏକ ବୈଜ୍ଞାନିକ ବିଶ୍ଳେଷଣ ଲିପିବଦ୍ଧ କରିଥିଲେ । ସେ ଏକଥା ମଧ ଦର୍ଶାଇଥିଲେ ଯେ ୟୁରୋପରେ ଆଲ୍‌କେମିର ବ୍ୟବହାର କରାଯାଉଥିଲା ବେଳେ ଭାରତବର୍ଷ ମଧ ପଛରେ ପଡିନଥିଲା ଓ ଧାତୁ ନିଷ୍କାସନ ସଂପର୍କିତ ବିଦ୍ୟା ଏବଂ ଚିକିତ୍ସା ବିଜ୍ଞାନ ବହୁଦୂର ଅଗ୍ରଗତି କରିପାରିଥିଲା । ପ୍ରାଚୀନ ଭାରତରେ ବିଜ୍ଞାନ ଏତେଦୂର ଅଗ୍ରଗତି କରିଥିଲେ ମଧ ପରବର୍ତ୍ତି ସମୟରେ ବିଜ୍ଞାନ ଚର୍ଚ୍ଚା କାହିଁକି ବନ୍ଦ ହୋଇଗଲା ଓ ଭାସ୍କରାଚାର୍ଯ୍ୟଙ୍କ ପରେ କାହିଁକି ଭାରତରେ ବିଜ୍ଞାନ ଚର୍ଚ୍ଚାର କୌଣସି ସୂଚନା ମିଳେନାହିଁ, ତାଙ୍କୁ ଏହି ଭଳି ବହୁ ପ୍ରଶ୍ନର ଉତ୍ତର ଖୋଜିବାକୁ ହୋଇଥିଲା ।

ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗଭୀର ଅଧ୍ୟୟନ ଓ ଅନୁଶୀଳନ କରି ଭାରତବର୍ଷରେ ବିଜ୍ଞାନର ଅଧୋଗତି ପାଇଁ ମୁଖ୍ୟତଃ ୩ଟି ବିଷୟ ଦାୟୀ ବୋଲି ଉଲ୍ଲେଖ କରିଥିଲେ । ଏଥିରୁ ପ୍ରଥମଟି ହେଉଛି ସମାଜରେ ଜାତିପ୍ରଥାର ପ୍ରଚଳନ । ଏ ସଂପର୍କରେ ବର୍ଣ୍ଣନା କରିବାକୁ ଯାଇ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଉଲ୍ଲେଖ କରିଥିଲେ ଯେ "ମନୁ ଏବଂ ତାଙ୍କ ପରବର୍ତ୍ତୀ ସମୟରେ ଲିଖିତ ପୁରାଣ ଗୁଡିକ ପୁରୋହିତ ବର୍ଗକୁ ମହିମାନ୍ୱିତ କରିବା ଫଳରେ ସମାଜରେ ଜାତିପ୍ରଥା ନୂଆ ରୂପ ନେଇ ଆହୁରି ଦୃଢ଼ ଭାବରେ ପ୍ରତିଷ୍ଠିତ ହେଲା । ଜାତିପ୍ରଥାର ପ୍ରଭାବରେ ଅତ୍ୟନ୍ତ ଔଦ୍ଧତ୍ୟପୂର୍ଣ୍ଣ, ନିଷ୍ଠୁର ଓ ଛଳନାତ୍ମକ ସାମାଜିକ ବ୍ୟବସ୍ଥା ପ୍ରଚଳିତ ହେଲା ।" ସେ ଆହୁରି ମଧ ଉଲ୍ଲେଖ କରିଛନ୍ତି ଯେ "ଏହି ଜାତିପ୍ରଥା ଫଳରେ ବିଭିନ୍ନ ହସ୍ତକର୍ମ ଓ ଶିଳ୍ପକଳାକୁ ଗୌଣ ବିବେଚନା କରି ତଥାକଥିତ ନିଚଜାତି ହାତରେ ଅର୍ପଣ କରାଗଲା ଓ ସମସ୍ତ ବୃତ୍ତି ବଂଶାନୁକ୍ରମିକ ହେଲା, ଏହା ଫଳରେ ଯଦିଓ ହସ୍ତକର୍ମ ଓ ଶିଳ୍ପ କର୍ମରେ କିଛି ଦକ୍ଷତା ଓ ନିପୁଣତା ଅର୍ଜନ କରାଗଲା କିନ୍ତୁ ବିଜ୍ଞାନର ଅଗ୍ରଗତି ସଂପୂର୍ଣ୍ଣ ବାଧାପ୍ରାପ୍ତ ହେଲା । ସମାଜରେ ଜ୍ଞାନ ଚର୍ଚ୍ଚା କରୁଥିବା ବ୍ୟକ୍ତିମାନଙ୍କର ଏହି ଶିଳ୍ପ କର୍ମରେ କୌଣସି ସକ୍ରିୟ ଭୂମିକା ରହିଲା ନାହିଁ । ଅନ୍ୟ ଦିଗରେ ବିଭିନ୍ନ କୌଳିକ ବୃତ୍ତି କରୁଥିବା ଜାତିମାନେ ଜ୍ଞାନଚର୍ଚ୍ଚାରୁ ବହୁ ଦୂରରେ ରହିଲେ । ତେଣୁ କିପରି ଓ କାହିଁକି ବିଭିନ୍ନ ଘଟଣା ଘଟୁଛି ଓ ତାର ସଠିକ୍ କାରଣ କ'ଣ ଏହିଭଳି ପ୍ରଶ୍ନ ଦିଗଭ୍ରଷ୍ଟ ହେଲା । ସମୟକ୍ରମେ ସମଗ୍ର ଭାରତରୁ ଅନୁସନ୍ଧିତ୍ସୁ ପ୍ରବୃତ୍ତିର ଅବଲୁପ୍ତି ଘଟିଲା, ପରିଣାମ ସ୍ୱରୂପ କଳ୍ପନା ବିଳାସିତା ଓ ଦୁର୍ବୋଧ୍ୟ ବସ୍ତୁ ବିବର୍ଜିତ ଚିନ୍ତାର ପ୍ରାଧାନ୍ୟ ମଧରେ ପରୀକ୍ଷା ନିରୀକ୍ଷା ଓ ଯୁକ୍ତି-ତର୍କ ଭିତ୍ତିକ ବିଜ୍ଞାନ ସମ୍ପୂର୍ଣ୍ଣ ବିଦାୟ ନେଲା । ଏହିଭଳି ପରିସ୍ଥିତିରେ ଭାରତର ମାଟି ଜଣେ ବୟେଲ, ଡେସ୍‌କାରଟେସ୍ ବା ନ୍ୟୁଟନ୍‌ଙ୍କ ଭଳି ବୈଜ୍ଞାନିକ ସୃଷ୍ଟି କରିବା ପାଇଁ ମାରାତ୍ମକ ଭାବରେ ଅନୁପଯୁକ୍ତ ହୋଇପଡିଲା । ତେଣୁ ବିଶ୍ୱ ବିଜ୍ଞାନ ମାନଚିତ୍ରରେ ଭାରତର କୌଣସି ସ୍ଥାନ ରହିଲା ନାହିଁ ।

Scanned with CamScanner

ଆଚାର୍ଯ୍ୟ ରାୟ ଲେଖିଛନ୍ତି ଯେ "ଶୁଶ୍ରୁତଙ୍କ ଅନୁସାରେ, ଶଲ୍ୟ ଚିକିତ୍ସା ଶାସ୍ତ୍ର ଅଧ୍ୟୟନ କରୁଥିବା ଛାତ୍ର ପାଇଁ ମଣିଷର ମୃତଦେହର ବ୍ୟବଚ୍ଛେଦ ନିହାତି ଜରୁରୀ। ସେ ମଧ୍ୟ ପରୀକ୍ଷା ନିରୀକ୍ଷା ଓ ପର୍ଯ୍ୟବେକ୍ଷଣ ଉପରେ ଭିତ୍ତିକରି ଗଢ଼ିଉଠିଥିବା ଜ୍ଞାନ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦେଉଥିଲେ । ମାତ୍ର ମନୁ ଏସବୁକୁ ନିଷିଦ୍ଧ କରିଦେଲେ। ମନୁଙ୍କ ଅନୁଯାୟୀ ମୃତଦେହକୁ ସ୍ପର୍ଶ କରିବା ମାତ୍ରେ ହିଁ ଜଣେ ବ୍ରାହ୍ମଣର ପବିତ୍ର କାୟା ଅପବିତ୍ର ହୋଇଯାଏ । ସେଥିପାଇଁ ଭାଗବତ ରଚନା ସମୟରୁ ହିଁ ଆମେ ଦେଖିବାକୁ ପାଉଯେ ଶଲ୍ୟ ଚିକିତ୍ସକମାନେ ବ୍ୟବହାର କରୁଥିବା ଦୁଇଧାର ବିଶିଷ୍ଟ ତୀକ୍ଷଣ ଛୁରୀର ବ୍ୟବହାରକୁ ନିରୁତ୍ସାହିତ କରାଯାଉଥିଲା। ଏହିଭଳି ଭାବରେ ଶରୀର ଗଠନ ବିଜ୍ଞାନ (anatomy) ଶଲ୍ୟ ଚିକିତ୍ସାର (surgery) ଚର୍ଚ୍ଚା ସମାଜରେ ବନ୍ଦ ହୋଇଗଲା ଓ ଏହି ସବୁ ବିଜ୍ଞାନ ହିନ୍ଦୁମାନଙ୍କ ପାଇଁ ବିସ୍ମୃତ ହୋଇଗଲା।"

ବିଜ୍ଞାନର ଅଧୋଗତିର ତୃତୀୟ କାରଣଟି ଶିକ୍ଷିତ ଲୋକମାନଙ୍କ ମଧ୍ୟରେ ବେଦାନ୍ତ ଦର୍ଶନର ପ୍ରସାର ବୋଲି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ମତ ଦେଇଥିଲେ । ସେ ଉଲ୍ଲେଖ କରିଥିଲେ ଯେ "ଶଙ୍କରଙ୍କ ଦ୍ୱାରା ପରିବର୍ତ୍ତିତ (modified) ଓ ସଂପ୍ରସାରିତ (expanded) ହୋଇଥିବା ବେଦାନ୍ତ ଦର୍ଶନ ବାସ୍ତବ ବିଶ୍ୱକୁ ମାୟା ବୋଲି ଶିକ୍ଷାଦିଏ । ଏହାହିଁ Physical sciences ଅଧ୍ୟୟନର ଗୁରୁତ୍ୱ ହ୍ରାସ ହେବା ଓ ଏହି ବିଜ୍ଞାନ ସାମାଜିକ ସ୍ୱୀକୃତି ହରାଇବା ପଛରେ ଥିବା ଅନ୍ୟତମ କାରଣ" । ବିଜ୍ଞାନ ବାସ୍ତବ ବିଶ୍ୱ ସଂପର୍କରେ ପ୍ରଶ୍ନକରେ ଏବଂ ଏହାର ଉତ୍ତର ଖୋଜେ । ମାତ୍ର ଏହି ବାସ୍ତବ ବିଶ୍ୱଟିକୁ ହିଁ ଅବାସ୍ତବ ବା ମାୟା ବୋଲି ଧରି ନିଆଗଲେ ପ୍ରଶ୍ନ ପଚାରିବା ଓ ଉତ୍ତର ଖୋଜିବା ଦୂରେଥାଉ, ଏହି ବାସ୍ତବ ବିଶ୍ୱ ସଂପର୍କରେ ଉତ୍ସୁକତା ଓ ଅନୁସନ୍ଧିତ୍ସୁ ମନ ଗଢ଼ିଉଠିବା ଅସମ୍ଭବ ହୋଇପଡ଼ିବ । ପ୍ରାଚୀନ ଭାରତରେ ତାହା ହିଁ ହୋଇଥିଲା ବୋଲି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର କହିଥିଲେ ।

ପରବର୍ତ୍ତୀ ସମୟରେ ଐତିହାସିକ ଜୋସେଫ୍ ନିଧାମ୍ ଓ ବୈଜ୍ଞାନିକ ଜେ.ଡି. ବାର୍ଣ୍ଣାଲ ବିଜ୍ଞାନର ଇତିହାସ ସଂପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ପୁସ୍ତକମାନ ରଚନା କରିଛନ୍ତି। ମାତ୍ର "ଦି ହିଷ୍ଟ୍ରି ଅଫ୍ ହିନ୍ଦୁ କେମେଷ୍ଟ୍ରି" (The History of Hindu Chemistry) ହିଁ ହେଉଛି ରସାୟନ ବିଜ୍ଞାନର ଇତିହାସ ସଂପର୍କରେ ପ୍ରଥମ ପୁସ୍ତକ ଏବଂ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ହିଁ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି ଅତ୍ୟନ୍ତ ଦୃଢ଼ ଭାବରେ ଦର୍ଶାଇଥିଲେ ଯେ ଭାରତର ଶିକ୍ଷିତ ବର୍ଗଙ୍କ ଦ୍ୱାରା ମାତ୍ରାଧିକ ସମ୍ମାନର ଅଧିକାରୀ ଅଦ୍ୱୈତ ଦର୍ଶନ ତଥା ବିଭିନ୍ନ ହିନ୍ଦୁ ଧର୍ମୀୟ ରିତିନୀତି ଓ ଜାତିବାଦ ହିଁ ମଧ୍ୟ ଯୁଗରେ ସତ୍ୟାନୁସଂଧାନ କ୍ଷେତ୍ରରେ ମୁଖ୍ୟବାଧା ଭାବରେ ଠିଆ ହୋଇଥିଲା ।

## ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରଫୁଲ୍ଲ ଚନ୍ଦ୍ରଙ୍କର ଉଦ୍ୟମ

ବିଟ୍ରିଶ୍ ଶାସନ ସମୟରେ ବ୍ରିଟେନରେ ପ୍ରସ୍ତୁତ ସାମଗ୍ରୀ ହିଁ ଭାରତୀୟ ବଜାରକୁ ଦଖଲ କରିଥିଲା । ଔପନିବେଶିକ ଅର୍ଥନୈତିକ ଶୋଷଣ ଯନ୍ତ୍ର ଦ୍ୱାରା ଭାରତର ଖଣିଜ ସଂପଦ ଓ ଭାରତୀୟ ଶ୍ରମିକ ଶ୍ରେଣୀ ମଧ୍ୟ ଶୋଷିତ ହେଉଥିଲା । ସ୍ୱାଭାବିକ ଭାବରେ ଏହା ବିରୁଦ୍ଧରେ ଭାରତୀୟମାନଙ୍କ ମଧ୍ୟରେ, ବିଶେଷକରି ଭାରତୀୟ ବ୍ୟବସାୟୀ ଓ ଉତ୍ପାଦନକାରୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିଲା । ପରବର୍ତ୍ତୀ ସମୟରେ ବ୍ରିଟେନ୍‌ରେ ନିର୍ମିତ ଦ୍ରବ୍ୟ ବର୍ଜନ ଆନ୍ଦୋଳନ ଜରିଆରେ ଏହି ଅସନ୍ତୋଷର ପରିପ୍ରକାଶ ଘଟିଥିଲା ।

ମାତ୍ର ଏହି ଆନ୍ଦୋଳନ ତୁଙ୍ଗରୂପ ଧାରଣ କରିଥିଲା ବେଳେ ମଧ୍ୟ ଜନସାଧାରଣ ବ୍ରିଟେନ୍‌ରେ ତିଆରି ଔଷଧ ଓ ଅନ୍ୟାନ୍ୟ ରାସାୟନିକ ଦ୍ରବ୍ୟ ବର୍ଜନ କରିପାରି ନଥିଲେ । କାରଣ ସେତେବେଳେ ଭାରତରେ କୌଣସି ରାସାୟନିକ କିମ୍ବା ଔଷଧ କାରଖାନା ନଥିଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଏକଥା ଅନୁଭବ କରିଥିଲେ ଯେ ଅର୍ଥନୈତିକ ସ୍ୱାଧୀନତା ରାଜନୈତିକ ସ୍ୱାଧୀନତା ସହିତ ସମାନ ଗୁରୁତ୍ୱ ବହନ କରେ ଏବଂ ସେଥିପାଇଁ ଭାରତବର୍ଷକୁ ଶିଳ୍ପ କ୍ଷେତ୍ରରେ

ଆତ୍ମନିର୍ଭରଶୀଳ ହେବାକୁ ପଡିବ । ସେ ଏକଥା ମଧ୍ୟ ଜାଣିଥିଲେ ଯେ ବୈଜ୍ଞାନିକ ଗବେଷଣା ଲବ୍ଧ ଜ୍ଞାନକୁ ବ୍ୟବହାର କରି ହିଁ ୟୁରୋପ ଓ ଆମେରିକା ଶିଳ୍ପ ସମୃଦ୍ଧ ହୋଇପାରିଥିଲା । ସେ ଲେଖିଥିଲେ "ୟୁରୋପରେ ଶିଳ୍ପ ଓ ବୈଜ୍ଞାନିକ ଗବେଷଣା ଏକା ସାଙ୍ଗରେ ଆଗେଇଥିଲା ଏବଂ ଗୋଟିଏ ଅନ୍ୟଟିକୁ ସାହାଯ୍ୟ କରିଥିଲା । ୟୁରୋପ ଓ ଆମେରିକାରେ ଶିଳ୍ପ କ୍ଷେତ୍ରରେ ହାସଲ ହୋଇଥିବା ବ୍ୟାପକ ଅଗ୍ରଗତି ହେଉଛି ବାସ୍ତବରେ ଗବେଷଣାଗାରରେ ହେଉଥିବା ଗବେଷଣାର ବିଜୟ । ସେ ଲେଖିଥିଲେ "ପ୍ରକୃତି ବଙ୍ଗ ପ୍ରଦେଶକୁ ପ୍ରଚୁର ପରିମାଣରେ ଦେଇଥିବା ନାନା ଧରଣର ପ୍ରାକୃତିକ ସଂପଦକୁ କିଭଳି ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯାଇପାରିବ ସେ କଥା ପ୍ରେସିଡେନ୍ସି କଲେଜ୍‌ରେ ମୋର ଚାକିରି ଆରମ୍ଭ ବର୍ଷଗୁଡିକରୁ ହିଁ ମୁଁ ଭାବୁଥିଲି । କ୍ଷୁଧାତୁର ଲୋକଙ୍କ ମୁହଁରେ କିଭଳି ଆହାର ଦିଆଯାଇପାରିବ ସେକଥା ମୁଁ ସେହି ପ୍ରାରମ୍ଭିକ ଦିନ ମାନଙ୍କରୁ ଭାବିବାକୁ ଆରମ୍ଭ କରିଥିଲି ।"

ଏ ଦିଗରେ କ୍ଷୁଦ୍ର ହେଲେ ମଧ୍ୟ ପ୍ରଥମ ପଦକ୍ଷେପ ସ୍ୱରୂପ ସେ ତାଙ୍କର କଲିକତାସ୍ଥ ବାସଭବନରେ ଗୋଟିଏ ଛୋଟ ପରୀକ୍ଷାଗାର ପ୍ରତିଷ୍ଠାକରି ନାନା ପ୍ରକାର ଦେଶୀ ଔଷଧ ଉପରେ ଗବେଷଣା ଆରମ୍ଭ କରିଥିଲେ । ତାଙ୍କର କେତେକ ପରୀକ୍ଷା ନିରୀକ୍ଷା ସଫଳ ହେବାପରେ ସେ ତାଙ୍କର ସାମାନ୍ୟ ବ୍ୟକ୍ତିଗତ ସଂଚୟକୁ ବ୍ୟବହାର କରି ସେହିସବୁ ସାମଗ୍ରୀ ତିଆରି କରି ବଜାରକୁ ଛାଡିଥିଲେ । ସେ ନିଜେ ପ୍ରସ୍ତୁତ ସାମଗ୍ରୀକୁ ଝୁଲା ମୁଣିରେ ଭର୍ତ୍ତିକରି ଦୋକାନ ଦୋକାନ ବୁଲି ଦୋକାନୀମାନଙ୍କୁ ଓ ସାଧାରଣ ଲୋକଙ୍କୁ ସେହି ସମସ୍ତ ଜିନିଷର କାର୍ଯ୍ୟକାରିତା ସଂପର୍କରେ ବୁଝାଉଥିଲେ । ଏଭଳି କରିବା ପାଇଁ ତାଙ୍କର ଆଦୌ ଲଜ୍ଜା ନଥିଲା । ଧିରେ ଧିରେ ତାଙ୍କଦ୍ୱାରା ପ୍ରସ୍ତୁତ ଏହିସବୁ ଜିନିଷର ବଜାର ଚାହିଦା ବଢିବାକୁ ଲାଗିଲା । ଏହିଭଳି ଭାବରେ ପ୍ରସିଦ୍ଧ "ବେଙ୍ଗଲ କେମିକାଲ୍ସ ଆଣ୍ଡ ଫାର୍ମାସ୍ୟୁଟିକାଲ କମ୍ପାନୀ" ସୃଷ୍ଟି ହେଲା ଏବଂ ୧୯୦୨ ମସିହାରେ ଏହା ଏକ ଲିମିଟେଡ୍ କମ୍ପାନୀରେ ପରିଣତ ହେଲା । ଗୋଟିଏ ଜାତୀୟତାବାଦୀ କାରଖାନା ପ୍ରତିଷ୍ଠା କରିବା ପାଇଁ ଏହିଭଳି ଅସାଧାରଣ ପ୍ରଚେଷ୍ଟା ଫଳରେ ଅମୂଲ୍ୟ କୁମାର ବସୁଙ୍କ ଭଳି ପ୍ରଖ୍ୟାତ ଡାକ୍ତର ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ପରବର୍ତ୍ତୀ ସମୟରେ ଚନ୍ଦ୍ରଭୂଷଣ ଭାଦୁରୀ, ରାଧାଗୋବିନ୍ଦ କର, କୂଳଭୂଷଣ ଭାଦୁରୀ ଓ ସୁରେଶ ପ୍ରସାଦ ସର୍ବାଧିକାରୀ ପ୍ରମୁଖ ତାଙ୍କ ସହିତ ହାତ ମିଳାଇଥିଲେ । ଏହି କାରଖାନା ପ୍ରତିଷ୍ଠାର ବିଭିନ୍ନ ପର୍ଯ୍ୟାୟରେ ଦେଶବଂଧୁ ଚିତ୍ତରଂଜନ ଦାସ ଓ ନେତାଜୀ ସୁଭାସଚନ୍ଦ୍ର ବୋଷଙ୍କ ଭଳି ଜାତୀୟତାବାଦୀ ନେତାମାନେ ସହାୟତା ଦେଇଥିଲେ । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ସାହାସ, ଏକନିଷ୍ଠ ଉଦ୍ୟମ ଏବଂ ଅଧ୍ୟବସାୟ ଯୋଗୁ ଧିରେ ଧିରେ ଏହି କାରଖାନାର ଅଭିବୃଦ୍ଧି ସାଧିତ ହେଲା ଓ କାରଖାନାଟି ତାଙ୍କ ଘରୁ ମାନିକତଲାକୁ ସ୍ଥାନାନ୍ତର କରାଗଲା । ପରବର୍ତ୍ତୀ ସମୟରେ ପାଣିହାଟି ଠାରେ ଆଉ ଏକ କାରଖାନା ପ୍ରତିଷ୍ଠା କରାଗଲା । ଧିରେ ଧିରେ ଏହି କାରଖାନାରୁ ଆହୁରି ବିଭିନ୍ନ ଧରଣର ସାମଗ୍ରୀ ଉତ୍ପାଦିତ ହେବାକୁ ଲାଗିଲା । ଏହି କାରଖାନାରୁ ପ୍ରସ୍ତୁତ ବହୁ ସାମଗ୍ରୀ ବ୍ରିଟେନ୍‌ରୁ ଆସୁଥିବା ଦ୍ରବ୍ୟ ସହିତ ପ୍ରତିଯୋଗିତା କରି ବଜାର ଦଖଲ କରିଥିଲା । ଏହିଭଳି ଭାବରେ "ବେଙ୍ଗଲ କେମିକାଲ ଆଣ୍ଡ ଫାର୍ମାସ୍ୟୁଟିକାଲ ୱାର୍କର୍ସ" ଭାରତର ଅଗ୍ରଣୀ ଔଷଧ ଓ ରାସାୟନିକ ଦ୍ରବ୍ୟ ପ୍ରସ୍ତୁତି କାରଖାନା ଭାବରେ ପ୍ରତିଷ୍ଠା ଲାଭ କଲା ।

ଏହି କାରଖାନା ବ୍ୟତୀତ "ବେଙ୍ଗଲ ପୋଟେରୀ ୱାର୍କର୍ସ", "ବେଙ୍ଗଲ ଏନାମେଲ ୱାର୍କସ୍", "ନ୍ୟାସନାଲ ଟ୍ୟାନେରୀ ୱାର୍କସ୍" ଓ "ବେଙ୍ଗଲ ଷ୍ଟିମ୍ ନେଭିଗେସନ କମ୍ପାନୀ" ପ୍ରଭୃତି ବହୁ କଳ କାରଖାନା ଓ ପ୍ରତିଷ୍ଠାନ ପ୍ରତିଷ୍ଠାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହିସବୁ କାରଖାନରୁ ସେ କୌଣସି ଅର୍ଥ ଗ୍ରହଣ କରୁନଥିଲେ ମାତ୍ର କାରଖାନାର କର୍ମଚାରୀମାନଙ୍କର କଲ୍ୟାଣ ପାଇଁ ତାଙ୍କ ନିଜ ଦରମା ଟଙ୍କା ବ୍ୟୟ କରୁଥିଲେ ।



Scanned with CamScanner

ମାତ୍ର ଆମେ ଏହା ଜାଣୁ ଯେ ଗୋଟିଏ ପୁଞ୍ଜିବାଦୀ ଦେଶରେ କାରଖାନା ଆଦର୍ଶର ଭିତ୍ତିରେ ଚାଲେ ନାହିଁ। କାରଖାନାଗୁଡିକ ସର୍ବୋଚ୍ଚ ମୁନାଫା ଅର୍ଜନ ଓ ବ୍ୟକ୍ତିଗତ ଲାଭ ଭିତ୍ତିରେ ହିଁ ପରିଚାଳିତ ହୁଏ। ପ୍ରଫୁଲ୍ଲ ଚନ୍ଦ୍ରଙ୍କ ପାଇଁ ଶିଳ୍ପ ପ୍ରତିଷ୍ଠା ଗୋଟିଏ ସ୍ୱପ୍ନ ଭଳି ଥିଲା। ସ୍ୱାଭାବିକ ଭାବରେ କାରଖାନା ପାଇଁ ଟଙ୍କା ଖଟାଇଥିବା ଲୋକମାନଙ୍କ ସହିତ ତାଙ୍କର ଦ୍ୱନ୍ଦ୍ୱ ଦେଖାଦେଲା। ପରିଶେଷରେ ଏହି ଦ୍ୱନ୍ଦ୍ୱ ଏଭଳି ସ୍ତରରେ ପହଂଚିଲା ଯେ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ ତାଙ୍କ ସ୍ୱପ୍ନର "ବେଙ୍ଗଲ କେମିକାଲ ଆଣ୍ଡ ଫାର୍ମାସ୍ୟୁଟିକାଲ ୱାର୍କର୍ସ" ସହିତ ସଂପର୍କ ଛିନ୍ନ କରିବାକୁ ହେଲା।

## ପ୍ରାକୃତିକ ବିପର୍ଯ୍ୟୟ ଓ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର

ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଜଣେ ବୈଜ୍ଞାନିକ ଥିଲେ ମଧ୍ୟ ତାଙ୍କର ଚିନ୍ତା କେବଳ ମାତ୍ର ଗବେଷଣାଗାର ମଧ୍ୟରେ ଆବଦ୍ଧ ନଥିଲା। ସେ ତାଙ୍କର ସାମାଜିକ ଦାୟିତ୍ୱକୁ ସ୍ୱୀକାର କରୁଥିଲେ ଏବଂ ସାମାଜିକ ଦାୟିତ୍ୱ ପାଳନ ମଧ୍ୟ କରୁଥିଲେ। ୧୯୨୧ ମସିହାରେ ଖୁଲ୍‌ନା ଜିଲ୍ଲାରେ (ବର୍ତ୍ତମାନ ବଙ୍ଗଳାଦେଶରେ) ଭୟଙ୍କର ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ବ୍ରିଟିଶ ସରକାର ଏହାର ମୁକାବିଲା ପାଇଁ କୌଣସି ପଦକ୍ଷେପ ଗ୍ରହଣ କଲା ନାହିଁ। ଏହିଭଳି ସଂକଟମୟ ପରିସ୍ଥିତିରେ ପ୍ରଫୁଲ୍ଲ ଚନ୍ଦ୍ର ନୀରବରେ ରହିପାରିଲେ ନାହିଁ। ସେ 'ଖୁଲନା ରିଲିଫ୍ କମିଟି' ଗଠନ କଲେ ଏବଂ ଏହି କମିଟି ନେତୃତ୍ୱରେ ବହୁ ମାସଧରି ପ୍ରଭାବିତ ଅଂଚଳରେ ରିଲିଫ୍ କାମ କରିଥିଲେ। ରିଲିଫ୍ ପାଣ୍ଠି ପାଇଁ ସେ ନିଜେ ଘରକୁ ଘର ବୁଲି ଅର୍ଥ ସଂଗ୍ରହ କରିଥିଲେ।

ତା ପରବର୍ଷ, ୧୯୨୨ ମସିହାରେ ଉତ୍ତର ବଙ୍ଗରେ ଭୟାବହ ବନ୍ୟା ପରିସ୍ଥିତି ଦେଖା ଦେଇଥିଲା। ଏହି ସମୟରେ ମଧ୍ୟ ସରକାର ଅତ୍ୟନ୍ତ ଅମାନବୀୟ ଆଭିମୁଖ୍ୟ ପ୍ରଦର୍ଶନ କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଲୋକଙ୍କ ଅବସ୍ଥା ସ୍ୱଚକ୍ଷୁରେ ଦେଖିବା ପାଇଁ ସେଠାକୁ ଯାଇଥିଲେ ଏବଂ ସେଠାରୁ ଫେରି 'ଇଣ୍ଡିଆନ୍ ଆସୋସିଏସନ୍' ହଲ୍‌ରେ ଏକ ସଭା ଡକାଇଥିଲେ। ଏହି ସଭାରେ 'ବେଙ୍ଗଲ ରିଲିଫ୍ କମିଟି' ଗଠନ ହୋଇଥିଲା। ପ୍ରଫୁଲ୍ଲ ଚନ୍ଦ୍ର ଏହି କମିଟିର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ଏହିଭଳି ସଂକଟଜନକ ପରିସ୍ଥିତିରେ ଗବେଷଣାଗାର ଛାଡି ବାହାରି ଆସିବା ପାଇଁ ସେ ତାଙ୍କର ଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନରେ ଅନୁପ୍ରାଣୀତ ହୋଇ ତାଙ୍କର ଛାତ୍ର ମେଘନାଦ ଶାହା (ପରବର୍ତ୍ତୀ ସମୟରେ ପ୍ରସିଦ୍ଧ ପଦାର୍ଥ ବିଜ୍ଞାନୀ)ଙ୍କ ନେତୃତ୍ୱରେ ଅନ୍ୟ ଛାତ୍ରମାନେ ବନ୍ୟାଦୁର୍ଗତ ମାନଙ୍କ ପାଇଁ ରିଲିଫ୍ ସାମଗ୍ରୀ ସଂଗ୍ରହ କରିଥିଲେ। ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ଏହିଭଳି ଉଦ୍ୟମ ଦେଖି ମାଞ୍ଚେଷ୍ଟର ଗାର୍ଡିଆନ୍ ସଂବାଦପତ୍ରର ଜନୈକ ସାମ୍ବାଦିକ ଲେଖିଥିଲେ ଯେ "ଏହି ପରିସ୍ଥିତିରେ ଶ୍ରୀ ପି.ସି. ରାୟ ନାମକ ରସାୟନ ବିଜ୍ଞାନର ଜଣେ ପ୍ରଫେସର ଆଗେଇ ଆସି ସରକାରୀ ଉଦାସୀନତା ଜନିତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଥିଲେ। ଜନସାଧାରଣ ତାଙ୍କର ଡାକରାକୁ ଗ୍ରହଣ କରିଥିଲେ"। ବଙ୍ଗ ପ୍ରଦେଶର ସାଧାରଣ ଲୋକ ଗୋଟିଏ ମାସ ମଧ୍ୟରେ ଏହି ରିଲିଫ ପାଣ୍ଠିକୁ ତିନିଲକ୍ଷ ଟଙ୍କା ଦାନ କରିଥିଲେ।

ପୁନର୍ବାର ୧୯୨୩ ମସିହାରେ ଉତ୍ତର ବଙ୍ଗରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥର ମଧ୍ୟ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ରିଲିଫ୍ କମିଟି ଗଠନ କରି ପ୍ରାୟ ଦୁଇଲକ୍ଷ ପଚାଶ ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ସଂଗ୍ରହ କରିଥିଲେ ଏବଂ ଅତ୍ୟନ୍ତ ଶୃଙ୍ଖଳିତ ଭାବରେ ଏହି ସାମଗ୍ରୀକୁ ପ୍ରଭାବିତ ଜନସାଧାରଣଙ୍କ ମଧ୍ୟରେ ବଣ୍ଟନ କରିଥିଲେ।

୧୯୩୧ ମସିହାରେ ପୁଣିଥରେ ଉତ୍ତର ବଙ୍ଗରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳକୁ ପ୍ରଫୁଲ୍ଲ ଚନ୍ଦ୍ର ୭୦ବର୍ଷ ବୟସ୍କ ବୃଦ୍ଧ। ଏହି ପରିଣତ ବୟସରେ ମଧ୍ୟ ସେ "ସଂକଟ ତ୍ରାଣ କମିଟି" ଗଠନ କରି କଲିକତା ବିଶ୍ୱବିଦ୍ୟାଳୟରୁ ରିଲିଫ୍ କାର୍ଯ୍ୟ ପରିଚାଳନା କରିଥିଲେ।

Scanned with CamScanner

ବାରମ୍ବାର ବନ୍ୟାପ୍ଲାବିତ ହେଉଥିବା ଅଞ୍ଚଳର ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ବ୍ୟକ୍ତିଗତ ଉଦ୍ୟମରେ ସଂପୃକ୍ତ ଅଞ୍ଚଳରେ ସମବାୟ ସଂସ୍ଥାମାନ ଗଠନ କରିଥିଲେ । ତାଙ୍କର ଛାତ୍ରମାନେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ରଙ୍କର ଏହିଭଳି ଚରିତ୍ର ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିଲେ । ତାଙ୍କର ଛାତ୍ର ମେଘନାଦ ଶାହା ବନ୍ୟାକ୍ଲିଷ୍ଟ ଜନସାଧାରଣଙ୍କର ଦୁଃଖରେ ଏଭଳି ଅଭିଭୂତ ହୋଇଥିଲେ ଯେ ପରବର୍ତ୍ତୀ ସମୟରେ ନଦୀ ଯୋଜନା ପାଇଁ ବହୁ ସମୟ ଓ ଶକ୍ତି ନିୟୋଜିତ କରିଥିଲେ । ତାଙ୍କରି ଉଦ୍ୟମ ଯୋଗୁହିଁ ଦାମୋଦର ନଦୀବନ୍ଧ ଯୋଜନା ସଫଳ ହୋଇପାରିଥିଲା ।

## ଜନସାଧାରଣଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ ସୃଷ୍ଟି କରିବା ପାଇଁ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ଉଦ୍ୟମ

ଦେଶରେ ବିଜ୍ଞାନ ସମ୍ମତ ଚିନ୍ତାଧାରାର ପ୍ରସାର ଘଟିନଥିବା ସମୟରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତାଙ୍କର କାର୍ଯ୍ୟ ପରିଚାଳନା କରୁଥିଲେ । ତାଙ୍କ ଛାତ୍ରମାନେ ପ୍ରାୟତଃ ଅନ୍ଧବିଶ୍ୱାସର ବଶବର୍ତ୍ତୀ ପରିବାରରୁ ଆସୁଥିଲେ । ସେତେବେଳେ ଦେଶରେ ଜାତିଭେଦର ପ୍ରଭାବ ଅତ୍ୟନ୍ତ ପ୍ରବଳ ଥିଲା । ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଏକଥା ବୁଝିପାରିଥିଲେ ଯେ ଅବୈଜ୍ଞାନିକ ବିଶ୍ୱାସ ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢ଼େଇ ନକରି ସେ ବିଜ୍ଞାନର ପ୍ରସାର ଘଟାଇ ପାରିବେ ନାହିଁ ।

ସେ କିଭଳି ଭାବରେ ଶ୍ରେଣୀଗୃହରେ ଶିକ୍ଷାଦାନ କରୁଥିଲାବେଳେ ମଧ୍ୟ ଛାତ୍ରମାନଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଦୃଷ୍ଟିଭଙ୍ଗୀ ଗଢିତୋଳିବା ପାଇଁ ଉଦ୍ୟମ କରୁଥିଲେ ସେକଥା ଆମେ ପୂର୍ବରୁ ଉଲ୍ଲେଖ କରିଛୁ । ବ୍ୟକ୍ତିଗତ ଭାବରେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଛାତ୍ରମାନଙ୍କୁ ମଧ୍ୟ ସେ ଅନ୍ଧତା ଓ କୁସଂସ୍କାର ମୁକ୍ତ କରିବା ପାଇଁ ଉଦ୍ୟମ କରୁଥିଲେ । ବହୁ କ୍ଷେତ୍ରରେ ତାଙ୍କର ଉଦ୍ୟମ ସଫଳ ହେଉଥିଲା । ବହୁ କ୍ଷେତ୍ରରେ ମଧ୍ୟ ସେ ବିଫଳ ହେଉଥିଲେ । ତାଙ୍କଦ୍ୱାରା ଲିଖିତ ସର୍ଚ ଫର ଟ୍ରୁଥ୍ (Search for truth) ପ୍ରବନ୍ଧରେ ସେ ଦୁଃଖର ସହିତ ଉଲ୍ଲେଖ କରିଥିଲେ ଯେ "ମୁଁ ଅର୍ଦ୍ଧଶତାବ୍ଦୀ ଧରି ଶିକ୍ଷକତା କରି ଆସୁଛି । ଏହି ସମୟ ମଧ୍ୟରେ ମୁଁ ବହୁ ଛାତ୍ରଙ୍କୁ ବୁଝାଉଛି ଯେ ରାହୁ ଓ କେତୁ ନାମକ ଦୁଇଜଣ ରାକ୍ଷସ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଗିଳିବା ଫଳରେ ଚନ୍ଦ୍ର ଗ୍ରହଣ ବା ସୂର୍ଯ୍ୟ ପରାଗ ହୁଏନାହିଁ । ମୁଁ ଆହୁରି ମଧ୍ୟ ବୁଝାଉବାକୁ ଉଦ୍ୟମ କରିଛି ଯେ ଆମର ପ୍ରାର୍ଥନା ଦ୍ୱାରା ଖୁସୀ ହୋଇ ରାହୁ ବା କେତୁ ଚନ୍ଦ୍ର ବା ସୂର୍ଯ୍ୟଙ୍କୁ ଛାଡିଦେବା ଫଳରେ ଗ୍ରହଣ ଓ ପରାଗ ଶେଷ ହୁଏନାହିଁ । ଏସବୁ ଧାରଣା ଭ୍ରାନ୍ତ ଓ କଳ୍ପନା ପ୍ରସୂତ । ମୁଁ ଗତ ୫୦ବର୍ଷ ଧରି ଏହି କଥା ପିଲାମାନଙ୍କୁ କହିଆସୁଛି । ସେମାନେ ଶୁଣନ୍ତି ଓ ମୋ କଥାରେ ଏକମତ ମଧ୍ୟ ହୁଅନ୍ତି । ମାତ୍ର ଗ୍ରହଣ ବା ପରାଗ ସମୟରେ ଶଙ୍ଖନାଦ ହେଲା ମାତ୍ରକେ ବା ରାସ୍ତାରେ ପ୍ରାର୍ଥନା ଶୋଭାଯାତ୍ରା ବାହାରିଲା ମାତ୍ରକେ ଏହି ଶିକ୍ଷିତ ଲୋକମାନେ ମଧ୍ୟ ଶୋଭାଯାତ୍ରାରେ ଯୋଗ ଦିଅନ୍ତି ଓ ଖାଦ୍ୟ ଫୋପାଡି ଦିଅନ୍ତି । ଶିକ୍ଷିତ ଲୋକମାନେ ଯଦି ଏହିଭଳି ଆଚରଣ କରନ୍ତି, ସେମାନେ ଯଦି ଖୋଲାଖୋଲି ଭାବରେ ସତ୍ୟକୁ ଗ୍ରହଣ କରି ନପାରନ୍ତି ତାହେଲେ ଏ ଜାତିର ମୁକ୍ତି ଅସମ୍ଭବ ।"

ଜାତିପ୍ରଥାକୁ ସେ ଆହୁରି ଶାଣିତ ଭାଷାରେ ସମାଲୋଚନା କରିଛନ୍ତି । ସେ ଲେଖିଥିଲେ "ଆମେ କଣ ମଣିଷ ? ଆପଣମାନଙ୍କ ଘର ଚାରିପଟରେ ଅଜ୍ଞାନର ଅନ୍ଧକାରରେ ନିମଜ୍ଜିତ ଅବସ୍ଥାରେ ପଶୁଭଳି ବସବାସ କରୁଥିବା ଏହି ସମସ୍ତ ହାଡି, ଡମ, ଚମାର, ଭଗତ ପ୍ରଭୃତି ଜାତିର ଲୋକମାନଙ୍କ ପାଇଁ ଆପଣମାନେ କଣ କରିଛନ୍ତି । ଆପଣମାନେ ସେମାନଙ୍କୁ ଛୁଅନ୍ତି ନାହିଁ, ଆପଣଙ୍କ ପାଖକୁ ଆସିବାକୁ ଦିଅନ୍ତି ନାହିଁ ଏବଂ କୁକୁର ଭଳି ସେମାନଙ୍କୁ ଘଉଡାଇ ଦିଅନ୍ତି । ଆପଣ ଆପଣଙ୍କ ପୋଷା କୁକୁର ଛୁଆକୁ କୋଳରେ ବସାଇ ପାରନ୍ତି, ମାତ୍ର ଜଣେ ମୋଚିର ସୁସ୍ଥ ପଲାଟି ଯଦି ଆପଣଙ୍କ ଘରର ବାରଣ୍ଡା ଆଡକୁ ଗୁରୁଣ୍ଡି ଗୁରୁଣ୍ଡି ଚାଲି ଆସେ ତାହେଲେ ଆପଣମାନେ ତାର ସପ୍ତପୁରୁଷ ଉଦ୍ଧାର କରନ୍ତି । ଯଦି ଜଣେ ଚମାର ଭିକ୍ଷା କରିବାକୁ ଆମ ଦୁଆରେ ପହଞ୍ଚେ ଆମେ ହୁଏତ



Scanned with CamScanner

ସବୁବେଳେ ତାକୁ ଜୋତାମାରି ବାହାର କରିଦେଉନା, ଆମେ ହୁଏତ ତାକୁ ଖାଦ୍ୟ ଦେଉ । ମାତ୍ର ଖାଦ୍ୟ ଦେବା ପୂର୍ବରୁ ଆମେ ତାକୁ ହଜାରବାର କହି ସାରିଥାଉ ଯେ, ସେ ମୋଚି ହୋଇଥିବାରୁ ଅସ୍ପୃଶ୍ୟ ସୁତରାଂ ତାକୁ ବଗିଚାର ଗଛତଳେ ଆମର ଖାଇବା ଶେଷ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଆମେ ଖାଇ ସାରିବା ପରେ ତାକୁ ଉଚ୍ଛିଷ୍ଟ ଖାଇବାକୁ ମିଳିବ । ଆମେ ଏହିଭଳି ଭାବରେ ଶତାବ୍ଦି ଶତାବ୍ଦି ଧରି ଲକ୍ଷ ଲକ୍ଷ ଭାରତୀୟଙ୍କୁ ପଦଦଳିତ କରି ରଖିଛୁ ।"

ବହୁ ପୂର୍ବରୁ ସେ ବୁଝିପାରିଥିଲେ ଯେ ଜାତିପ୍ରଥା ପ୍ରସଙ୍ଗରେ କଂଗ୍ରେସ ନେତୃତ୍ୱର ଦୋଦୁଲ୍ୟମାନ ଆଭିମୁଖ୍ୟ ଏ ଦେଶରେ ଏକ ଜାତୀୟ ପରିଚୟ ଗଢିତୋଳିବା କ୍ଷେତ୍ରରେ ପ୍ରତିବନ୍ଧକ ଭାବରେ ଠିଆହେବ । କଂଗ୍ରେସ ନେତୃତ୍ୱର ଏତାଦୃଶ ଦୋଦୁଲ୍ୟମାନ ତାକୁ ତୀବ୍ର ସାମଲୋଚନା କରି ସେ ଉଲ୍ଲେଖ କରିଥିଲେ ଯେ "ଆମ ଦେଶରେ ୫୦୦ଜଣ କଂଗ୍ରେସ ପ୍ରତିନିଧିଙ୍କ ପାଇଁ ୫୦୦ଟି ଚୁଲା ଆବଶ୍ୟକ । ଏପରିକି ଏହା ମଧ୍ୟ ଯଥେଷ୍ଟ ନୁହେଁ । ମାଡ୍ରାସରୁ ଆସିଥିବା ପ୍ରତିନିଧିମାନଙ୍କର ଦୃଷ୍ଟି ପ୍ରଦୂଷଣର ସମସ୍ୟା ରହିଛି । ଅର୍ଥାତ୍ ବ୍ରାହ୍ମଣଙ୍କ ପାଇଁ ରନ୍ଧା ହୋଇଥିବା ଖାଦ୍ୟକୁ ଯଦି ଜଣେ ନୀଚ ଜାତିର ଲୋକ ଦେଖି ପକାଏ ତାହେଲେ ସେହି ଖାଦ୍ୟ ପ୍ରଦୂଷିତ ହୋଇଯାଏ । ଦୂରରୁ ଟେଲିସ୍କୋପ୍ ସାହାଯ୍ୟରେ ଜଣେ ରନ୍ଧା ଖାଦ୍ୟକୁ ଦେଖିଲେ ତାହା ପ୍ରଦୂଷିତ ହେବକି ନାହିଁ ସେକଥା ଏହି ପଣ୍ଡିତମାନେ ମତେ କହିପାରିବେ କି ?"

## ପ୍ରଫୁଲ୍ଲ ଚନ୍ଦ୍ରଙ୍କର ସରଳ ଓ ନିରାଡମ୍ବର ଜୀବନ

ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଭଲ ରୋଜଗାର କରୁଥିଲେ ମଧ୍ୟ ତାଙ୍କର ବ୍ୟକ୍ତିଗତ ଜୀବନ ଅତ୍ୟନ୍ତ ସରଳ ଓ ନିରାଡମ୍ବର ଥିଲା । ତାଙ୍କ ରୋଜଗାରର ସର୍ବାଧିକ ସମ୍ଭବ ଅର୍ଥ ସେ ସାମାଜିକ କାର୍ଯ୍ୟରେ ଓ ଦରିଦ୍ର ଲୋକମାନଙ୍କ ପାଇଁ ବ୍ୟୟ କରୁଥିଲେ । ସେ ତାଙ୍କ ଜୀବନର ଶେଷ ୨୦ବର୍ଷ କଲିକତା ବିଶ୍ୱବିଦ୍ୟାଳୟର ଗୋଟିଏ କୋଠରୀରେ ରହୁଥିଲେ । ତାଙ୍କର ମୃତ୍ୟୁ ସମୟରେ କୋଠରୀଟି ଯେଉଁଭଳି ଥିଲା ବର୍ତ୍ତମାନ ମଧ୍ୟ କୋଠରୀଟିକୁ ଠିକ୍ ସେହିଭଳି ଭାବରେ ରଖାଯାଇଛି । ସେହି କୋଠରୀଟିକୁ ଦେଖିଲେ ତାଙ୍କର ସରଳ ଜୀବନ ଯାତ୍ରା ସଂପର୍କରେ ଧାରଣା କରିହେବ । ଏପରିକି ସେ ବିଦ୍ୟୁତ୍ ଚାଳିତ ପଙ୍ଖା ବ୍ୟବହାରକୁ ବିଳାସ ବୋଲି ମନେ କରୁଥିଲେ ଓ ତାଙ୍କ କୋଠରୀରେ ପଙ୍ଖା ଲଗାଇବାକୁ ଅନୁମତି ଦେଇନଥିଲେ ।

ପିଲାଦିନୁ ତାଙ୍କୁ ପେଟରୋଗ ଥିଲା ଓ ତାଙ୍କର ସ୍ୱାସ୍ଥ୍ୟ ଖୁବ୍ ଦୁର୍ବଳ ଥିଲା । ସେଥିପାଇଁ ସେ ଦେଶର କାମ କରିବା ପାଇଁ ସୁସ୍ଥ ଶରୀରର ଆବଶ୍ୟକତା ସଂପର୍କରେ ସଚେତନ ଥିଲେ । ତାଙ୍କ ସହିତ ବହୁଛାତ୍ର, ବିଶେଷ କରି ଦରିଦ୍ର ଛାତ୍ରମାନେ ରହୁଥିଲେ । ସେମାନେ କଣ ଖାଉଛନ୍ତି ଏବଂ ପ୍ରତିଦିନ ବ୍ୟାୟାମ କରୁଛନ୍ତି କି ନା ତାହା ସେ ଟିକି ନିଖି କରି ଦେଖୁଥିଲେ । ଯୁବକମାନଙ୍କୁ ସୁସ୍ଥ ଶରୀରର ଆବଶ୍ୟକତା ଓ ଏହାର ଉପାୟ ବୁଝାଇବା ପାଇଁ ସେ ଭିଟାମିନ୍ ଓ ବିଭିନ୍ନ ଖାଦ୍ୟସାର ସଂପର୍କରେ ବହି ଲେଖିଥିଲେ । ତାଙ୍କ ଜୀବନର କେତୋଟି ଘଟଣାରୁ ତାଙ୍କର ସରଳ ଜୀବନ ଯାତ୍ରା ସଂପର୍କରେ ଧାରଣା କରି ହେବ । ସେ ସମୟରେ ପ୍ରଫେସର ଶ୍ରେଣୀ ଗୃହକୁ ଆସିବା ପୂର୍ବରୁ ପିଅନ ଆସି କଳାପଟା ଓ ଟେବୁଲ ସଫା କରିବାର ପରଂପରା ଥିଲା । ଦିନେ ପିଅନ ଜଣକ କୋଟ୍ ପିନ୍ଧି ଆସିଥିବାର ପିଲାମାନେ ଦେଖିଲେ । ସେ ତା କାମସାରି ଚାଲିଗଲା ପରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସେହି କୋଟ୍‌ଟି ପିନ୍ଧି ଶ୍ରେଣୀ ଗୃହରେ ପବେଶ କଲେ । ସ୍ୱାଭାବିକ ଭାବରେ ଏକଥା ଦେଖି ଛାତ୍ରମାନେ ଚକିତ ହୋଇ ଯାଇଥିଲେ । ପରେ ଜଣାପଡିଲା ଯେ ଶୀତଦିନ ପୂର୍ବରୁ କୋଟ୍‌ଟିଏ ତିଆରି କରିବା ପାଇଁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ କପଡା କିଣିଥିଲେ । ମାତ୍ର ସେ ଦେଖିଲେ ଯେ ଶୀତଦିନରେ ପିଅନଟିର ମଧ୍ୟ ଗରମ କପଡା ଆବଶ୍ୟକ ହେବ । ସେ ସମାନ କପଡା ତା ପାଇଁ ମଧ୍ୟ କିଣିଥିଲେ ଏବଂ ସେଇ କପଡାରେ ଦୁଇଟି କୋର୍ଟ ସିଲାଇ



Scanned with CamScanner

କରାଇଥିଲେ । ଗୋଟିଏ ତାଙ୍କ ପାଇଁ ଓ ଅନ୍ୟଟି ପିଅନ ପାଇଁ ।

ସେ ସବୁଦିନେ କେତୋଟି ପାଚିଲା କଦଳୀ ଖାଉଥିଲେ । ସେହି କଦଳୀ ଗୋଟାକର ମୂଲ୍ୟ ସେତେବେଳେ ୧ ପଇସା ଥିଲା । ଦିନେ ନଦୀଆ ବିହାରୀ ନାମକ ତାଙ୍କର ଜଣେ ଛାତ୍ର ବଜାରରେ ଭଲ କଦଳୀ ଦେଖି ତାଙ୍କ ପାଇଁ ସେଥିରୁ କେତୋଟି କିଣି ଆଣିଥିଲେ । ସେହି ପାଚିଲା କଦଳୀ ଗୁଡିକୁ ଦେଖି ପ୍ରଫେସର ରାୟ ଖୁବ୍ ଖୁସି ହୋଇଥିଲେ । ମାତ୍ର ସେହି କଦଳୀ ଗୋଟାକ ୩ ପଇସା ଦେଇ କିଣା ଯାଇଛି ବୋଲି ଜାଣିବା ପରେ ସେ ଭୀଷଣ ଉତ୍‌କ୍ଷିପ୍ତ ହୋଇ ଉଠିଲେ ଏବଂ ନଦୀଆ ବିହାରୀଙ୍କୁ ଚାପୁଡାଟିଏ ମାରିଲେ । ଏହା ଦେଖି ଛାତ୍ର ଜଣକ ପ୍ରଫୁଲ୍ଲ ଚନ୍ଦ୍ରଙ୍କୁ କୃପଣ ବୋଲି ଭାବିଥିଲେ । ମାତ୍ର ଏହି ଘଟଣାର କିଛି ସମୟ ପରେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ପାଖକୁ ଆସିଥିଲେ ଏବଂ ଗୋଟିଏ ଅନାଥାଶ୍ରମ ଚଳାଇବା ପାଇଁ ତାଙ୍କୁ ଆର୍ଥିକ ସାହାଯ୍ୟ ମାଗିଥିଲେ । ତତ୍‌କ୍ଷଣାତ୍ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ନଦୀଆ ବିହାରୀଙ୍କୁ ୩ହଜାର ଟଙ୍କାର ଚେକ୍ ଲେଖିବାକୁ କହିଲେ ଓ ଚେକ୍‌ଟିକୁ ଦସ୍ତଖତ କରି ପ୍ରଫୁଲ୍ଲ ଘୋଷଙ୍କୁ ଦେଲେ । ପାଚିଲା କଦଳୀ ଖାଇବା ପାଇଁ ଦୁଇପଇସା ଅଧିକ ଖର୍ଚ୍ଚ କରିବାକୁ କୁଣ୍ଠିତ ବ୍ୟକ୍ତି ଜଣକ ସାମାଜିକ କାମ ପାଇଁ ତିନିହଜାର ଟଙ୍କା ଅନାୟାସରେ ଦେଇଦେଲେ ।

ପ୍ରଫୁଲ୍ଲ ଚନ୍ଦ୍ର ରାୟ ତାଙ୍କର ସମସ୍ତ ଆୟ ସମାଜସେବା ପାଇଁ ଦାନ କରି ଦେଉଥିଲେ । ଗୋଟିଏ ହିସାବ ଅନୁଯାୟୀ ସେ ତାଙ୍କ ଆୟର ଦଶଭାଗରୁ ନଅଭାଗ ସମାଜସେବା ପାଇଁ ଦେଉଥିଲେ । ୧୯୨୨ ମସିହାରେ ପ୍ରସିଦ୍ଧ ଭାରତୀୟ ରସାୟନବିତ୍ ନାଗାର୍ଜୁନଙ୍କ ନାମରେ ରସାୟନ ବିଜ୍ଞାନରେ ଗୋଟିଏ ପୁରସ୍କାର ପାଇଁ ୧୦,୦୦୦ଟଙ୍କାର ସ୍ଥାୟୀ ପାଣ୍ଠି ଗଠନ କରିଥିଲେ । ପୁନର୍ବାର ୧୯୩୬ ମସିହାରେ ସାର ଆଶୁତୋଷ ମୁଖାର୍ଜୀଙ୍କ ନାମରେ ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନରେ ଗବେଷଣା କ୍ଷେତ୍ରରେ ପୁରସ୍କାର ଦେବା ପାଇଁ ସେ ଆହୁରି ୧୦,୦୦୦ଟଙ୍କାର ସ୍ଥାୟି ପାଣ୍ଠି ଦାନ ସୂତ୍ରରେ ଦେଇଥିଲେ । ସେ ବହୁ ଦରିଦ୍ର ଛାତ୍ରଙ୍କୁ ପଢିବା ପାଇଁ ଆର୍ଥିକ ସହାୟତା ଦେଉଥିଲେ । ମାସର ପ୍ରଥମ ରବିବାର ଦିନ ଦରିଦ୍ର ଛାତ୍ରମାନେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ଠାରୁ ମାସକ ପାଇଁ ଆର୍ଥିକ ସହାୟତା ଗ୍ରହଣ କରୁଥିଲେ । ଚାକିରୀରୁ ଅବସର ଗ୍ରହଣ ସମୟରେ କଲିକତା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ସଂପ୍ରସାରଣ ଓ ବିକାଶ ପାଇଁ ସେ ଏକଲକ୍ଷ ଅଶୀ ହଜାର ଟଙ୍କା ଦାନ କରିଥିଲେ ।

## ଦେଶପ୍ରେମୀ ପ୍ରଫୁଲ୍ଲ ଚନ୍ଦ୍ର

ଏହା ସତ୍ୟ ଯେ ସେ ରାଜନୀତିରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିନଥିଲେ । ମାତ୍ର ସେତେବେଳେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଥିବା ସ୍ୱାଧୀନତା ଆନ୍ଦୋଳନରୁ ସେ ନିଜକୁ ଦୂରେଇ ରଖିନଥିଲେ । ସେ କଂଗ୍ରେସ ଦଳ ପକ୍ଷରୁ ଆହୂତ ବହୁ ସଭାରେ ଯୋଗ ଦେଉଥିଲେ, ଏପରିକି ଜିଲ୍ଲା ଓ ରାଜ୍ୟସ୍ତରୀୟ ସଭାମାନଙ୍କରେ ସଭାପତିତ୍ୱ ମଧ୍ୟ କରିଥିଲେ ।

୧୯୧୯ ମସିହାରେ କୁଖ୍ୟାତ 'ରାଓଲଟ୍ ଆଇନ୍' ବିରୁଦ୍ଧରେ ସାରା ଦେଶରେ ପ୍ରବଳ ଆନ୍ଦୋଳନ ସୃଷ୍ଟି ହୋଇଥିଲା । ଏହି ଆଇନ୍ ବିରୁଦ୍ଧରେ କଲିକତା ଟାଉନ୍ ହଲ୍‌ରେ ଏକ ସଭା ଆହୂତ ହୋଇଥିଲା । ଏଥିରେ ଦେଶବନ୍ଧୁ ଚିତ୍ତରଂଜନ ଦାସ ମୁଖ୍ୟବକ୍ତା ଥିଲେ । ସଭା ଚାଲିଥିଲାବେଳେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ସଭାଗୃହର ଗୋଟିଏ କଣରେ ଠିଆ ହୋଇଥିବା କଥା ଚିତ୍ତରଂଜନ ଦାସ ଦେଖି ପାରିଥିଲେ । ସେ ତାଙ୍କୁ ମଂଚକୁ ଆସିବାକୁ ଆହ୍ୱାନ କରିଥିଲେ ଓ ବକ୍ତବ୍ୟ ରଖିବା ପାଇଁ ଅନୁରୋଧ କରିଥିଲେ । ଅତ୍ୟନ୍ତ ଆବେଗପୂର୍ଣ୍ଣ କଣ୍ଠରେ ପ୍ରଫୁଲ୍ଲ ଚନ୍ଦ୍ର କହିଥିଲେ ଯେ "ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଯେଉଁଥିରେ କି ମତେ ଟେଷ୍ଟ ଟ୍ୟୁବ ଛାଡି ଦେଶର ଡାକ ଶୁଣିବାକୁ ହେବ । ବିଜ୍ଞାନ ଅପେକ୍ଷା କରିପାରେ ମାତ୍ର ସ୍ୱରାଜ ଅପେକ୍ଷା କରିପାରିବ ନାହିଁ । Science can wait, Swaraj can not."



Scanned with CamScanner

ସେ ୧୯୨୦ ମସିହାରେ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଓ ବିଦେଶୀ ଜିନିଷ ବର୍ଜନ ପାଇଁ ପ୍ରଚାର କରିଥିଲେ । ସେ ରହୁଥିବା ବିଶ୍ୱବିଦ୍ୟାଳୟର କୋଠରୀରେ ଚରଖାରେ ଖଦଡ ବୁଣିବା ମଧ୍ୟ ଆରମ୍ଭ କରିଥିଲେ । ମାତ୍ର ଖିଲାପତ୍ ଆନ୍ଦୋଳନକୁ ସମର୍ଥନ କରିବା ବ୍ୟାପାରରେ ଗାନ୍ଧିଜୀଙ୍କ ସହିତ ତାଙ୍କର ମତଭେଦକୁ ସେ ଖୋଲାଖୋଲି ପ୍ରକାଶ କରିବାକୁ କୁଣ୍ଠାବୋଧ କରିନଥିଲେ ।

ବ୍ରିଟିଶ୍ ଶାସକମାନେ ତତ୍କାଳୀନ ବ୍ୟବସ୍ଥାପକ ସଭାକୁ ହିନ୍ଦୁ ଓ ମୁସଲମାନମାନଙ୍କ ପାଇଁ ପୃଥକ ନିର୍ବାଚନର ବନ୍ଦୋବସ୍ତ କଲାବେଳେ କଂଗ୍ରେସ ଦଳ ଏହି ନିଷ୍ପତ୍ତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିନଥିଲା । ମାତ୍ର ଧର୍ମ ଭିତ୍ତିରେ ଜାତୀୟତା ନିର୍ଦ୍ଧାରଣକୁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦୃଢ ବିରୋଧ କରିଥିଲେ । କଂଗ୍ରେସ ଦଳର ଏତାଦୃଶ ଆଭିମୁଖ୍ୟର ପ୍ରତିବାଦ କରି କେତେକ କଂଗ୍ରେସ ନେତା ଦଳଛାଡି "ନ୍ୟାସନାଲିଷ୍ଟ କଂଗ୍ରେସ" ଦଳ ନାମକ ଗୋଟିଏ ନୂଆ ଦଳ ଗଠନ କଲେ । ଏହି ନେତାମାନେ ୧୯୩୪ ମସିହା ଅଗଷ୍ଟ ୧୮ତାରିଖ ଦିନ କଲିକତା ଠାରେ ଏକ ସମ୍ମିଳନୀ ଆୟୋଜନ କରିଥିଲେ। ପ୍ରଫୁଲ୍ଲ ଚନ୍ଦ୍ର ଏହି ସମ୍ମିଳନୀରେ ଭାଷଣ ଦେଇଥିଲେ ଏବଂ ତତ୍କାଳୀନ କଂଗ୍ରେସ ନେତୃତ୍ୱର ଏହିଭଳି ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଥିଲେ । ଏହିଭଳି ବ୍ୟବସ୍ଥା ସମାଜରେ ସାଂପ୍ରଦାୟିକ ବିଭେଦ ସୃଷ୍ଟି କରିବ ବୋଲି ସେ ମତ ଦେଇଥିଲେ । ୧୯୩୮ ମସିହାରେ ନେତାଜୀ ସୁବାସ ଚନ୍ଦ୍ର ବୋଷ ଦ୍ୱିତୀୟ ଥର ପାଇଁ କଂଗ୍ରେସ ଦଳର ସଭାପତି ପଦ ପାଇଁ ପ୍ରାର୍ଥି ହେବାକୁ କେନ୍ଦ୍ରକରି କଂଗ୍ରେସ ଦଳ ଅଭ୍ୟନ୍ତରରେ ତୀବ୍ର ମତବିରୋଧ ଦେଖା ଦେଇଥିଲାବେଳେ ନେତାଜୀଙ୍କର ପ୍ରାର୍ଥିତ୍ୱକୁ ସମର୍ଥନ କରି ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ସଂବାଦପତ୍ରରେ ବିବୃତି ଦେଇଥିଲେ ।

ୟୁରୋପରେ ଫାଶିବାଦ ମୁଣ୍ଡଟେକି ଉଠିଥିଲାବେଳେ ୧୯୩୫ ମସିହାରେ ମାନବତାବଦୀ ଲେଖକ ରୋମାଁ ରୋଲାଁଙ୍କ ନେତୃତ୍ୱରେ ବ୍ରସେଲ୍ସଠାରେ ଗୋଟିଏ ଶାନ୍ତି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀର ସମର୍ଥନରେ ଭାରତରୁ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଦସ୍ତଖତ ସମ୍ବଳିତ ଏକ ପତ୍ର ପଠାଯାଇଥିଲା । ଏହି ପତ୍ରରେ ଅନ୍ୟତମ ସ୍ୱାକ୍ଷରକାରୀ ଥିଲେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ । ନାଜି ଜର୍ମାନୀ ଋଷିଆ ଆକ୍ରମଣ କଲାପରେ ୧୯୪୧ ମସିହା ଜୁଲାଇ ମାସ ୨୧ ତାରିଖରେ କଲିକତା ଟାଉନ୍ ହଲ୍ଠାରେ ଏକ ସଭା ଆହୂତ ହୋଇଥିଲା । ସେତେବେଳକୁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ବୟସ ଅଶୀରୁ ଅଧିକ ହୋଇଥିଲେ ମଧ୍ୟ ଏହି ସଭାରୁ ସୋଭିଏତ୍ ୟୁନିୟନ୍ର ସମର୍ଥନରେ ଜାରି କରାଯାଇଥିବା ବିବୃତ୍ତିରେ ସେ ପ୍ରଥମ ସ୍ୱାକ୍ଷରକାରୀ ଥିଲେ । "ସୋଭିଏତ୍ ଆଚିଭମେଣ୍ଟସ୍ - ଇଣ୍ଡିଆନ୍ ଇଣ୍ଟେଲେକ୍ଚୁଆଲସ୍ ମ୍ୟାନିଫାଷ୍ଟୋ" (Soviet Achievements-Indian Intellectual's Manifesto) ଶୀର୍ଷକରେ ଜାରି କରାଯାଇଥିବା ଏହି ବିବୃତ୍ତିରେ ଉଲ୍ଲେଖ ଥିଲା ଯେ "ବହୁବିଧ ଅସୁବିଧାକୁ ସାମନା କରି ବିଗତ ୨୦ବର୍ଷରୁ ଅଧିକ ସମୟ ଧରି ସୋଭିଏତ୍ ୟୁନିୟନ୍ ଗୋଟିଏ ନୂଆ ସମାଜ ଗଠନ କରିଛି । ସେହି ସମାଜ ଉପରେ ଆକ୍ରମଣ ହେଉଥିଲା ବେଳେ ଭାରତୀୟମାନେ ଏଥିପ୍ରତି ଅନାସକ୍ତ ରହିପାରିବେ ନାହିଁ । ଆମେମାନେ ଅସହାୟ ଓ ପରାଧୀନ, ତେବେବି ସୋଭିଏତ୍ ୟୁନିୟନ୍ର ଜନସାଧାରଣଙ୍କୁ ଆମେ ଆମର ଶୁଭେଚ୍ଛା ଜଣାଉଛୁ । ଆମେ ସେହି ଦିନକୁ ଅପେକ୍ଷା କରିବୁ ଯେଉଁଦିନ ସୋଭିଏତ୍ ୟୁନିୟନ ତାର ଶତ୍ରୁମାନଙ୍କୁ ପରାଜିତ କରି ବିଜୟ ମଣ୍ଡିତ ହେବ ।"

## ସେହି ମହାନ୍ ବୈଜ୍ଞାନିକ ଓ ମାନବତାବାଦୀଙ୍କ ପ୍ରତି ଯଥାଯୋଗ୍ୟ ସମ୍ମାନ ପ୍ରଦର୍ଶନ

ନିଜ ଜୀବନ ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଲେଖିଥିଲେ ଯେ, "ମୁଁ ଯାହାସବୁ ହାସଲ କରିଛି ସେଥିପାଇଁ ମୋ ମଧ୍ୟରେ ବିରାଟ ସଫଳତାର ଧାରଣା ସୃଷ୍ଟି ହେଉନାହିଁ । ମାତ୍ର ସେଥିପାଇଁ



Scanned with CamScanner

କାମ କରିଥିବାରୁ ମୁଁ ଆନନ୍ଦ ଅନୁଭବ କରୁଛି।" ୧୯୪୪ ମସିହା ଜୁନ୍ ମାସ ୧୬ତାରିଖ ଦିନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁରେ ବ୍ରିଟିଶ ବିଜ୍ଞାନ ପତ୍ରିକା ନେଚର(Nature) ର ଜୁନ୍ ୧୫ତାରିଖ ସଂଖ୍ୟାରେ ଉଲ୍ଲେଖ କରାଯାଇଥିଲା ଯେ "ବିଗତ ୫୦ବର୍ଷ ଧରି ଭାରତ ବର୍ଷରେ ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ଘଟିଥିବା ଅଗ୍ରଗତି ଓ ବିକାଶ ପାଇଁ ଅନ୍ୟ ସମସ୍ତଙ୍କ ତୁଳନାରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ଭୂମିକା ଥିଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।"

ଏଠାରେ ସୂଚନାଯୋଗ୍ୟ ଯେ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଓ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ହେଉଛନ୍ତି ଭାରତରେ ଦୀର୍ଘ ବହୁ ସମୟ ପରେ ପ୍ରଥମ ବୈଜ୍ଞାନିକ। ଆର୍ଯ୍ୟଭଟ୍ଟ, ବରାହ ମିହିର ଓ ବ୍ରହ୍ମଗୁପ୍ତ ପ୍ରମୁଖ ସେମାନଙ୍କ ପୂର୍ବବର୍ତ୍ତୀ ବୈଜ୍ଞାନିକ ମାନେ ୫ମ ଓ ୬ଷ୍ଠ ଶତାବ୍ଦିରେ ସେମାନଙ୍କର ଗବେଷଣା କରିଥିଲେ । ପରବର୍ତ୍ତୀ ସମୟରେ ଗଣିତ କ୍ଷେତ୍ରରେ କେତେକ ବିକାଶ ଘଟିଥିଲେ ମଧ୍ୟ ଭାସ୍କରାଚାର୍ଯ୍ୟ (୧୧ ଶତାବ୍ଦୀ)ଙ୍କ ପରେ ବିଜ୍ଞାନର କୌଣସି ଗୋଟିଏ ହେଲେ କ୍ଷେତ୍ରରେ ଆଦୌ କୌଣସି ପ୍ରଗତି ଦେଖିବାକୁ ମିଳେନାହିଁ । ସୁତରାଂ, ଭାରତରେ ସେତେବେଳେ ଏଭଳି କେହି ନଥିଲେ ଯାହାଙ୍କୁ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ଓ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଅନୁସରଣ କରିପାରିଥାନ୍ତେ । ସେଥିପାଇଁ ସେମାନେ ହେଉଛନ୍ତି ଭାରତରେ ଆଧୁନିକ ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ଅଗ୍ରଦୂତ।

ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର କେବଳ ମାତ୍ର ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ପାରଦର୍ଶିତା ହାସଲ କରିନଥିଲେ। ସେ ରସାୟନ ବିଜ୍ଞାନ ଶିକ୍ଷାଦାନ ପାଇଁ ଏକ ପ୍ରତିଷ୍ଠାନ ଗଢିଥିଲେ। ଦଳେ ଛାତ୍ରଙ୍କୁ ତାଲିମ୍ ଦେଇଥିଲେ ଏବଂ ବୈଜ୍ଞାନିକ ଗବେଷଣାଲବ୍ଧ ଜ୍ଞାନକୁ ବ୍ୟବହାର କରି ଶିଳ୍ପ ପ୍ରତିଷ୍ଠା କରିଥିଲେ। ଏହିଭଳି ଭାବରେ ଭାରତରେ ବିଜ୍ଞାନର ବିକାଶ ପାଇଁ ସେ ଉପଯୁକ୍ତ ଭିତ୍ତିଭୂମି ଗଢି ତୋଳିଥିଲେ। ଅବୈଜ୍ଞାନିକ ଚିନ୍ତାଧାରା ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ଲଢ଼େଇ କ୍ଷେତ୍ରରେ ମଧ୍ୟ ସେ ଅଗ୍ରଦୂତ ଥିଲେ। ଏହି ମହାମାନବଙ୍କ ମଧ୍ୟରେ ସାଧାରଣ ମଣିଷ ପ୍ରତି ଗଭୀର ମମତ୍ୱବୋଧ ସଂପନ୍ନ, ସମାଜପ୍ରତି ସଂବେଦନଶୀଳ ଓ ଦାୟବଦ୍ଧ ଜଣେ ବୈଜ୍ଞାନିକଙ୍କୁ ଆମେ ଦେଖିବାକୁ ପାଉ। ଏକାଧାରରେ ସେ ଥିଲେ ରାଜା ରାମମୋହନ ରାୟ ଓ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ନବଜାଗରଣ ଅନ୍ଦୋଳନର ଫଳ ଓ ସେମାନଙ୍କର ଉତ୍ତରସୂରୀ।

ତାଙ୍କର ପଦାଙ୍କ ଅନୁସରଣ କରି, ଅର୍ଥାତ୍ ସର୍ବୋଚ୍ଚ ଆନ୍ତର୍ଜାତୀୟ ମାନର ବିଜ୍ଞାନ ସାଧନାକରି ଓ ଜଣେ ବୈଜ୍ଞାନିକଙ୍କର ସାମାଜିକ ଦାୟିତ୍ୱ ନିର୍ବାହ କରିବା ମଧ୍ୟଦେଇ ଆମ ସମାଜରେ ତିଷ୍ଠି ରହିଥିବା ଅବୈଜ୍ଞାନିକ ଚିନ୍ତାଭାବନା ଓ ଅନ୍ଧବିଶ୍ୱାସ ବିରୁଦ୍ଧରେ ସଂଗ୍ରାମ ପରିଚାଳନା କରି, ବିଜ୍ଞାନ, ଜ୍ଞାନ ଚର୍ଚ୍ଚା ତଥା ମଣିଷ ଓ ସମାଜ ପ୍ରତି ଦାୟବଦ୍ଧ ମଣିଷ ଭାବରେ ଗଢି ଉଠିବା ମଧ୍ୟଦେଇ ହିଁ ଆମେ ସେହି ମହାନ ମାନବତାବାଦୀ ବୈଜ୍ଞାନିକଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧା ନିବେଦନ କରିପାରିବା।

★★★

ଡକ୍ଟର ସୌମିତ୍ର ବାନାର୍ଜୀ 'ବ୍ରେକ୍‌ଥ୍ରୁ ସାଇନ୍ସ ସୋସାଇଟି'ର ସାଧାରଣ ସଂପାଦକ ତଥା ଇଂରାଜୀ ଭାଷାରେ ପ୍ରକାଶିତ ହେଉଥିବା ତ୍ରୈମାସିକ ବିଜ୍ଞାନ ପତ୍ରିକା 'ବ୍ରେକ୍‌ଥ୍ରୁ'ର ସଂପାଦକମଣ୍ଡଳୀର ସଦସ୍ୟ। ପ୍ରଫେସର ବାନାର୍ଜୀ ସଂପ୍ରତି କଲିକତାସ୍ଥ 'ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ'ଠାରେ ପଦାର୍ଥ ବିଜ୍ଞାନ ପ୍ରଫେସର ଭାବରେ କାର୍ଯ୍ୟରତ।

Scanned with CamScanner